ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.37 Bhubaneswar Tuesday March 14 2023 | ୨୬ତମ ବର୍ଷ ସଂଖ୍ୟା-୩୭ ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ଗଠିତ









କଟକ,୧୩।୩(ପି.ଏନ): ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଇ ଆସୁଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ କ୍ରମାଗତ ଭାବେ ସରକାରୀ ଅବହେଳାର ଶିକାର ହୋଇ ଆସୁଥିବାରୁ ଏହାର ପ୍ରତିକାର ପାଇଁ ରାଜ୍ୟର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କ ଏକ ରାଜ୍ୟସ୍ତରୀୟ ସଂଗଠନ ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ଗଠନ କରାଯାଇଛି କଟକ ସ୍ଥିତ ପାନ୍ଥ ନିବାସ ଠାରେ ଆୟୋଜିତ ସଂଗଠନର ସାଧାରଣ ପରିଷଦ ବୈଠକରେ ଆବାହକ ତଥା ବରିଷ୍ଠ ସାମ୍ବାଦିକ କଳିଙ୍ଗ ପ୍ରଭାର ସମ୍ପାଦକ ପ୍ରଦୀପ୍ତ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ ଅତିଥି ଭାବେ ସମଦୃଷ୍ଟି ପାକ୍ଷିକ ପତ୍ରିକାର ସୁଧୀର ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ତଥା କଟକର ବରିଷ୍ଠ ଜନନେତା ଅକ୍ଷୟ କୁମାର ଦାଶ, ଦୈନିକ ପର୍ଯ୍ୟବେକ୍ଷକ ତଥା କଳିଙ୍ଗ କ୍ରନିକାଲର ସମ୍ପାଦକ ଡ଼. ପବିତ୍ର ମୋହନ ସାମନ୍ତରାୟ ଯୋଗଦେଇ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନେ କିଭଳି ଅବହେଳିତ ହେଉଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ସାଧାରଣ ଜନତାଙ୍କ ମୌଳିକ ଓ ବାସ୍ତବ ସମସ୍ୟା କେବଳ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନେ ହିଁ ପ୍ରକାଶ କରିଥାନ୍ତି କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ପ୍ରକାଶନର ଉଦାହରଣ ଦେଇ ଓଡ଼ିଆ ଭାଷାର ସୁରକ୍ଷା ପାଇଁ କୁଜିବର ପତ୍ର ଠାରୁ ଆରମ୍ଭ କରି ମହାତ୍ମା ଗାନ୍ଧୀଙ୍କ ମଧ୍ୟ ଗାନ୍ଧି ସମାଚ଼ାର ଏକଦା ସ୍ୱାଧୀନତା ସଂଗ୍ରାମର ସାରଥୀ ହୋଇପାରିଥିଲା ଆଜି ମଧ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମାନଙ୍କର ଗୁରୁତ୍ୱ ରହିଛି । ସ୍ଥାନୀୟ ଖବର ପ୍ରକାଶନ କ୍ଷେତ୍ରରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ବେଳେ ଏପରି ସମ୍ବାଦପତ୍ର ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପରିତ୍ୟାଗ କରି ଆବଶ୍ୟକୀୟ ସହଯୋଗ ଯୋଗାଇ ଦେବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇ ଆବଶ୍ୟକ ପଡ଼ିଲେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ବକ୍ତାମାନେ କହିଥିଲେ ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ, ଆରଏନଆଇ ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ରର ମାଲିକ/ସମ୍ପାଦକ / ପ୍ରକାଶକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପରିସରଭୁକ୍ତ କରିବା, ସରକାରଙ୍କ ସ୍ୱୀକୃତି ଅନୁମୋଦନ ପାଇଁ ଆବେଦନ କରିଥିବା ସମ୍ବାଦପତ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ଗ୍ରହଣ ସହ ସ୍ୱୀକୃତି ପ୍ରଦାନ କରିବା ଇତ୍ୟାଦି ଉପରେ ଆଲୋଚ଼ନା ହୋଇଥିଲା ସଂଗଠନକୁ କ୍ରିୟାଶୀଳ କରିବା ପାଇଁ ପୂର୍ଣ୍ଣାଙ୍ଗ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇ ନବୀନର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥଙ୍କୁ ପୁଣି ରାଜ୍ୟସ୍ତରୀୟ ସଭାପତି ଭାବେ ନର୍ବାଚ଼ିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ସଞ୍ଜୟ କୁମାର ଦାଶ, ଉପସଭାପତି ଭଜରାମ ମହାପାତ୍ର, ଜଗଦୀଶ ମିଶ୍ର, ସଂଗଠନ ସମ୍ପାଦକ ଅକ୍ଷୟ କୁମାର ନାୟକ, ହୃଷିକେଶ ମହାନ୍ତି, ଯୁଗ୍ମ ସମ୍ପାଦକ ଭାବେ ରମାକାନ୍ତ ପରିଜା, ନିତ୍ୟ ନିରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଭାବେ ଆର୍ତ୍ତତ୍ରାଣ ପତି ଓ ୧୧ ଜଣ କାଯର୍ ?ୟକାରୀ କମିଟି ସଦସ୍ୟ ଭାବେ ନର୍ବାଚ଼ିତ ହୋଇଥିଲେ ସଂଗଠନର ଉପଦେଷ୍ଟା ଭାବେ ଡ଼. ପବିତ୍ର ମୋହନ ସାମନ୍ତରାୟ, ସୁଧୀର କୁମାର ପଟ୍ଟନାୟକ, ରଜନୀକାନ୍ତ ସାମନ୍ତରାୟ, ପ୍ରଦୀପ୍ତ କୁମାର ପରିଡ଼ାଙ୍କୁ ମନୋନୀତ ହୋଇଥିଲେ । ଆଲୋଚ଼ନାରେ ଅନ୍ୟମାନଙ୍କ ମଧ୍ୟରେ ସୁକଦେବ ପରିଡ଼ା, କୃଷ୍ଣଚ଼ନ୍ଦ୍ର ପ୍ରଧାନ, ବାବୁଲି ବେହେରା, ମର୍ଜା ରିଜ୍ୱାନ ବେଗ, ଜ୍ଞାନଦତ୍ତ ବେହେରା, ବଦ୍ରି ମିଶ୍ର, ପ୍ରକାଶ ଚ଼ନ୍ଦ୍ର ଖଟୋଇ, ହୃଷିକେଶ ମହାନ୍ତି, ଗିରିଧାରୀ ପଟ୍ଟନାୟକ, କମଳାକାନ୍ତ ଦାଶ, ଡ଼ମ୍ବରୁଧର ଦାଶ, ସରୋଜ ପଟ୍ଟନାୟକ, ନିତ୍ୟ ନିରଞ୍ଜନ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ ଜଣ ସମ୍ପାଦକ ଯୋଗ ଦେଇଥିଲେ ଶେଷରେ ରମାକାନ୍ତ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ

## ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ପିଲାଙ୍କ ଡାଟା ନାହିଁ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର ,୧୩।୩(ପି.ଏନ): ଏ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷାରେ କେତେ ପିଲା ଅନୁପସ୍ଥିତ ଅଛନ୍ତି ସେ ଡାଟା ଆମ ପାଖକୁ ଆସିନାହିଁ। ପରୀକ୍ଷା ସରିଲେ ତାହା ଜଣାଯିବ। ଯେଉଁ ୧୪ହଜାର ପିଲା ସମିଟିଭ ୧ ପରୀକ୍ଷା ଦେଇନାହାନ୍ତି ସେମାନେ ସମିଟିଭ୍ ୨ ଦେଇପାରିବେ ନାହିଁ। ବାକି ଯେଉଁ ୪ହଜାର କଥା ଉଠିଛି ସେମାନେ କାହିଁକି ଅନୁପସ୍ଥିତ ତାହା ପରବର୍ତୀ ସମୟରେ ଜଣାଯିବ। କିଛି ସାମାଜିକ କାରଣ ଥିବା ଜଣାପଡୁଛି, କିନ୍ତୁ ଏହାର କଣ ସତ୍ୟାସତ୍ୟ ପରେ ଜଣାଯିବ। ଚଳିତ ମାଟ୍ରିକ ପରୀକ୍ଷାରେ ବହୁ ସଂଖ୍ୟକ ପିଲା ଅନୁପସ୍ଥିତ ରହିବା ଘଟଣାରେ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ।ସେହିପରି ଗଣଶିକ୍ଷା ସଚିବ ଅଶ୍ୱଥି ଏସ.କହିଛନ୍ତି କାହିଁକି ପିଲାମାନେ ପରୀକ୍ଷା ଦେଇନାହାନ୍ତି ସେ ନେଇ ପୁଣି ହାଉସ୍ ହୋଲ୍ଡ ସର୍ଭେ କରାଯିବ। କଣ କାରଣ ରହିଛି ଜାଣିବୁ। ଯଦି କେହି ମେନ୍ ଷ୍ଟ୍ରିମ୍ କୁ ଆସିବେ ତାଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରାଯିବ। ନଚେତ୍ ଯଦି କେହି ଭୋକେସନାଲ ବା ଧନ୍ଦାମୂଳକ ଶିକ୍ଷା ପାଇଁ ଆଗ୍ରହୀ ହେବେ ସେମାନଙ୍କୁ ବ୍ୟବସ୍ଥା କରାଯିବ ବୋଲି ଗଣଶିକ୍ଷା ସଚିବ ପ୍ରତିକ୍ରିୟା ରଖିଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ମାଟ୍ରିକ ପରୀକ୍ଷାରେ ୧୮ ହଜାରରୁ ଅଧିକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି । ବିଭିନ୍ନ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ କଟକ ଜିଲ୍ଲାରେ ୪୨୦ ଜଣ, କେନ୍ଦ୍ରାପଡ଼ା ୪୨୫ ଜଣ, ଜଗତସିଂହପୁରରେ ୨୩୫ ଜଣ, ଖୋର୍ଦ୍ଧାରେ ୪୯୪ ଜଣ, କୋରାପୁଟରେ ୬୮୬ ଜଣ, ଯାଜପୁରରେ ୭୫୫, ଭଦ୍ରକରେ ୫୦ ଜଣ ପ୍ରଥମ ଦିନ ପରୀକ୍ଷାରେ ଅନୁପସ୍ଥିତ ଥିଲେ । ସେହିଭଳି ବାଲେଶ୍ୱରରେ ୧୧୫୮, ବଲାଙ୍ଗୀରରେ ୧୧୯୯ ଜଣ, କଳାହାଣ୍ଡିରେ ୭୬୬ ଜଣ, ଦେବଗଡ଼ରେ ୯୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆସି ନଥିଲେ ।

## ଆଦାନୀ ମହାଘୋଟାଲାର ଜେପିସି ତଦନ୍ତ ଦାବିରେ କଂଗ୍ରେସର ରାଜଭବନ ଘେରାଉ

ଭୁବନେଶ୍ୱର, ୧୩।୩(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆଦାନୀ ମହା ଘୋଟଲାର ଜେପିସି ତଦନ୍ତ ଦାବିରେ ହଜାର ହଜାର କଂଗ୍ରେସ କର୍ମୀଙ୍କ ଦ୍ୱାରା ରାଜଭବନ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତି ମଂଚପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ମୋଦି-ଆଦାନୀ ମେଂଟର ମହା ଦୁର୍ନୀତିର ସମସ୍ତ କଥାକୁ ଗାଁକୁ ନେବାକୁ ପଡ଼ିବ। ପ୍ରସାଦ ହରିଚନ୍ଦନ କହିଥିଲେ ଯେ ମୋଦାନୀ ମେଂଟ ଭାରତବର୍ଷର ଏଲଆଇସି ଓ ବ୍ୟାଙ୍କର ପ୍ରବୁତ କ୍ଷତି କରସାରିଲାଣି। ଭାରତ ବର୍ଷର ଗରିବ ଖଟିଖିଆ ଲୋକଙ୍କ ପଇସାକୁ ମୋଦାନୀ ଭିତରେ ବାଂଟି ଦିଆଯାଉଛି। ଜୟଦେବ ୨୦୧୪ ମସିହାରେ ଦେଇଥିବା ପ୍ରତିଶୃତିକୁ ମନେପକାଇ କହିଥିଲେ ମୋଦି ଏଭଳି ଏକ ବ୍ୟକ୍ତି ଯିଏକି କେବଳ କଥା କୁହନ୍ତି ନିଜର ଗୋଟିଏ କଥାକୁ ରକ୍ଷା କରିପାରନ୍ତି ନାହିଁ। ୨୦୧୪ ମସିହାରେ ଗ୍ୟାସର ଦାମ ୪୧୦ ଟଙ୍କା ଥିଲା ଆଜି ୧୧୩୦ ଟଙ୍କା। ସାଧାରଣ ଲୋକଙ୍କ ପାଖରୁ ଅଧିକ ପଇସା ଆଦାୟ କରି ନରେନ୍ଦ୍ର ମୋଦି ଆଦାନୀଙ୍କୁ ପୋଷିବାରେ ଲାଗିଛନ୍ତି। ୨୦୧୪ ମସିହା ବେଳକୁ ଗୌତମ ଆଦାନୀଙ୍କର ସ୍ଥାନ ବିଶ୍ୱ ଧନୀ ତାଲିକାରେ ୬୦୯ ଥିଲା। ତାଙ୍କର କମ୍ପାନୀର ସମୁଦାୟ ବ୍ୟବସାୟୀକ ସଂପତି ୫୨ ହଜାର କୋଟି ଟଙ୍କା ଥିଲା କିନ୍ତୁ ଏହି ୯ବର୍ଷ ଭିତରେ ୨୦୨୨ ମସିହା ଶେଷ ସୁଦ୍ଧା ଗୌତମ ଆଦାନୀ ବିଶ୍ୱରେ ତୃତୀୟ ବୃହତମ ଧନୀ ତାଲିକାରେ ସ୍ଥାନ ପାଇଥିଲେ। ଏହି ୯ ବର୍ଷ ଭିତରେ ଆଦାନୀ ଗ୍ରୁପର ବ୍ୟବସାୟୀ ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଲମ୍ବି ଯାଇଛି। ଯଥା ବନ୍ଦର, ଜାତୀୟ ରାଜପଥ, ବିମାନ ବନ୍ଦର, ସିମେଂଟ, ରେଳ, କଂଟେନର, ବିଦ୍ୟୁତ ଆବଂଟନ, ତାପଜ ଶକ୍ତି ବିଦ୍ୟୁତ ଉତ୍ପାଦନ, ପ୍ରଦ୍ୟୁଷଣ ମୁକ୍ତ ଶକ୍ତି ଉତ୍ପାଦନ, ସାମରିକ ଯନ୍ତ୍ରାଂଶ ଏବଂ ଖାଦ୍ୟ ଦ୍ରବ୍ୟ ଇତ୍ୟାଦି। ଆଦାନୀ ଇନଫାଷ୍ଟ୍ରଚର, ଆଦାନୀ ପାୱାର, ଆଦାନୀ ଗ୍ରୀନ ଏନରଜି, ଆଦାନୀ ଟ୍ରାନ୍ସମିସନ, ଆଦାନୀ ଟୋଟାଲ ଗ୍ୟାସ, ଆଦାନୀ ପୋଟସ୍, ଆଦାନୀ ଉଇଲମାର ଆଦି କମ୍ପାନୀ ସମୁହ ଷ୍ଟକ ହେରଫେର, ମନି ଲଣ୍ଡେରିଂ, ଫ୍ରଡ୍ ଆକାଉଣ୍ଟିଂ ଏବଂ ବିଦେଶୀ ଜାଲ କମ୍ପାନୀ ମାନଙ୍କ ଜରିଆରେ ବ୍ୟାପକ ମାତ୍ରାରେ ହେରଫେର କରି କମ୍ପାନୀ ସମୁହର ସେୟାର ପ୍ରାଇସ ଅହେତୁକ ବୃଦ୍ଧି କରିବାକୁ ସକ୍ଷମ ହୋଇଥିଲେ। ଅପ୍ରାକୃତିକ ଓ ଅସାଧୁ ଉପାୟରେ ସେୟାର ମୂଲ୍ୟ ବୃଦ୍ଧି କରି ଉକ୍ତ ସେୟାରକୁ ଷ୍ଟେଟବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଏଲଆଇସି ଭଳି ସଂସ୍ଥାମାନଙ୍କ ପାଖରେ ବନ୍ଧକ ରଖି ହଜାର ହଜାର କୋଟି ଟଙ୍କା ଋଣ ନେଇ ବ୍ୟବସାୟରେ ନିବେଶ କରିଛନ୍ତି ଯାହାକି ସଂପୂର୍ଣ୍ଣ ବେଆଇନ ଅଟେ। ରାଜଭବନ ଘେରାଉ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଶରତ ରାଉତ, ସୁଶିଳା ତିରିଆ, ଅନନ୍ତ ପ୍ରସାଦ ସେଠୀ, ପଂଚାନନ କାନୁନଗୋ, ଗଣେଶ୍ୱର ବେହେରା, ବିଜୟ କୁମାର ପଟ୍ଟନାୟକ, ଶିବାନନ୍ଦ ରାୟ, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ଦାଶରଥି ଗମାଙ୍ଗୋ, ଅଧିରାଜ ମୋହନ ପାଣିଗ୍ରାହୀ, ଡ. ସିଏସ ରାଜନ ଏକ୍କା, ଲଲାଟେନ୍ଦୁ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ଅଂଶୁମାନ ମହାନ୍ତି, ଜଗନ୍ନାଥ ପଟ୍ଟନାୟକ, ସୁରେଶ ମହାପାତ୍ର, ସସ୍ମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ସୁପ୍ରିମକୋର୍ଟ ଓ ହାଇକୋର୍ଟରେ ରାଜ୍ୟ ଖଣି ବିଭାଗର ୨୫୫୬ଟି ମାମଲା

ଭୁବନେଶ୍ୱର,୧୩।୩(ପି.ଏନ): ରାଜ୍ୟ ସରକାରଙ୍କ ଖଣି ବିଭାଗ ପକ୍ଷଭୁକ୍ତ ଥାଇ ସୁପ୍ରିମକୋର୍ଟ ଓ ହାଇକୋର୍ଟରେ ମୋଟ ୨୫୫୬ଟି ମାମଲା ଚ଼ାଲୁ ରହିଛି । ସୁପ୍ରିମକୋର୍ଟରେ ୩୬ଟି କେସ୍ ଥିବାବେଳେ ହାଇକୋର୍ଟରେ ୨୫୨୦ଟି ମାମଲା ରହିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ମୋଟା ଅଙ୍କର ଫିସ୍ ଦେଇ ଦାମୀ ଓକିଲମାନଙ୍କୁ କେସ୍ ପରିଚ଼ାଳନାର ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏ ସମ୍ପର୍କରେ ଆଜି ବିଧାନସଭାରେ ସୂଚ଼ନା ଦେଇ କହିଛନ୍ତି ଯେ, ଖଣିବିଭାଗକୁ ପକ୍ଷଭୁକ୍ତ କରି ସୁପ୍ରିମକୋର୍ଟ ଓ ହାଇକୋର୍ଟରେ




ଯଥାକ୍ରମେ ୩୬ଟି ଓ ୨୫୨୦ଟି ମାମଲା ଚ଼ାଲୁ ରହିଛି । ରାଜ୍ୟ ଭିଜିଲାନ୍ସ ପାଖରେ ଖଣି ସଂକ୍ରାନ୍ତ କୌଣସି ମାମଲା ନାହିଁ । ସୁପ୍ରିମକୋର୍ଟରେ ଚ଼ାଲୁ ରହିଥିବା ସମସ୍ତ ମାମଲାଗୁଡିକର ତ୍ୱରିତ୍ ବିଚ଼ାର ତଥା ଫଇସଲା ପାଇଁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ୍ ଓ ଏଓଆରଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ହାଇକୋର୍ଟରେ ଚ଼ାଲୁ ରହିଥିବା ସମସ୍ତ ମାମଲା ପାଇଁ ଆଡଭୋକେଟ୍ ଜେନେରାଲଙ୍କୁ ଅନୁରୋଧ କରାଯାଉଛି।

## ଏଚ୩ଏନ୨ ଭାଇରସ : ସତର୍କ ରହିବାକୁ ସିଡିଏମଓ ମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର ,୧୩।୩(ପି.ଏନ): ଏଚ୩ଏନ୨ ଭାଇରସ ଚିନ୍ତା ବଢ଼ାଇଥିବା ବେଳେ ସବୁ ଜିଲ୍ଲାର ସିଡିଏମଓ , କ୍ୟାପିଟାଲ ହସ୍ପିଟାଲ ଓ ଆରଜିଏଚ୍ ନିର୍ଦ୍ଦେଶକଙ୍କୁ ଆଲର୍ଟ ରହିବାକୁ ଚିଠି ଲେଖିଛି ଜନସ୍ୱାସ୍ଥ୍ୟ ବିଭାଗ। ସର୍ଭିଲେନ୍ସ ବଢାଇବା ସହ ଅକ୍ସିଜେନ ଓ ଆଇସିୟୁ ପ୍ରସ୍ତୁତ ରଖିବାକୁ ଚିଠିରେ ନିର୍ଦ୍ଦେଶ ବି ଦିଆଯାଇଛି ।ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଏହି ସୂଚନା ଦେଇଛନ୍ତି। ଥଣ୍ଡା, କାଶ ଥିଲେ କୋଭିଡ ଟେଷ୍ଟ କରାଇନେବାକୁ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଇନଫ୍ଲୁଏଞ୍ଜାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ।

## ୫- ଟି କଣ ଏକ ବିଭାଗ ବୋଲି ପ୍ରଶ୍ନ କଲେ ବିରୋଧୀ ଦଳର ନେତା

ଭୁବନେଶ୍ୱର,୧୩।୩(ପି.ଏନ):୫ ଟିକୁ ନେଇ ଆଜି ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ରାଜ୍ୟ ସରକାରଙ୍କୁ ଘେରିଛନ୍ତି । ସେ ପ୍ରଶ୍ନ କରିଛନ୍ତି ଯେ ଏହା କଣ ଏକ ବିଭାଗ କି । ଯଦି ଏହା ଏକ ବିଭାଗ ତେବେ ବିଧାନସଭାରେ ଏ ସମ୍ପର୍କରେ ପ୍ରଶ୍ନ କରିବାକୁ ଚାହୁଁଛନ୍ତି ବୋଲି ସେ କହିଛନ୍ତି ।ପ୍ରଶ୍ନକାଳ ସମାପ୍ତ ହେବା ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଏହି ପ୍ରସଙ୍ଗ ଉଠାଇଛନ୍ତି ।ସେ ବାଚସ୍ପତିଙ୍କ ଜରିଆରେ ପ୍ରଶ୍ନ କରିଛନ୍ତି ଯେ ୫ଟି କଣ ଏକ ବିଭାଗ କି ? ଯଦି ଏକ ବିଭାଗ ଅଫିସ୍ ? କେଉଁଠି । ରାଜୀବ ଭବନ, ଲୋକସେବା ଭବନ ନା ଖାରବେଳ ଭବନରେ ଅଫିସ ବୋଲି ସେ ପ୍ରଶ୍ନ କରିଛନ୍ତି । ଯଦି ଏହା ଏକ ବିଭାଗ ତେବେ ଅନ୍ୟ କର୍ମଚାରୀ କିଏ ବୋଲି ସେ କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ବିମାନ ବୁଲା: ୨ ବର୍ଷରେ ୬୪ ଥର, ଏୟାରକ୍ରାଫ୍ଟରେ ଯାଆନ୍ତି ଦିଲ୍ଲୀ



ଭୁବନେଶ୍ୱର,୧୩।୩(ପି.ଏନ): ରାଜକୋଷ ପାଣ୍ଠିରେ ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି ରାଜ୍ୟର ମନ୍ତ୍ରୀମାନେ ନିଜର ବିମାନରେ ବୁଲିବା ସଉକକୁ ପୂରା କରିଛନ୍ତି । ସରକାରୀ କାର୍ଯ୍ୟ ଆଳରେ ମନଇଚ୍ଛା ବିମାନ ଭଡାରେ ନେଇଛନ୍ତି ଓ ସେଥିପାଇଁ ରାଜ୍ୟ ରାଜକୋଷରୁ ୨୦୨୧ ମାର୍ଚ୍ଚରୁ ୨୦୨୩ ଫେବୃୟାରୀ ମଧ୍ୟରେ ମୋଟ ୩୧.୩୮କୋଟି ଟଙ୍କା ଖର୍ଚ୍ଚ ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ଅବଧି ମଧ୍ୟରେ କଟକ ଓ ପୁରୀ ଯିବା ପାଇଁ ମଧ୍ୟ ହେଲକପ୍ଟର ଉପଯୋଗ କରିବାକୁ ପଛାଇ ନାହାନ୍ତି । ଆଉ ଦିଲ୍ଲୀ,ମୁମ୍ବାଇ, ହାଇଦ୍ରାବାଦ ଆଦି ସହରକୁ ଗସ୍ତବେଳେ ବି ରାଜବାସୀଙ୍କ ଟିକସ ଅର୍ଥରେ ସ୍ୱତନ୍ତ୍ର ଏୟାରକ୍ରାଫ୍ଟ ଧରି ଯାଇଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀ ଗତ ୨ବର୍ଷ ମଧ୍ୟରେ ଭଡାରେ ଆସିଥିବା ହେଲକପ୍ଟର ଓ ଏୟାରକ୍ରାପ୍ଟରେ ୬୪ଥର ଗସ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଗତବର୍ଷ ରୋମ-ଇଟାଲୀ-ଦୁବାଇ ଗସ୍ତ ପାଇଁ ସରକାରୀ ତହବିଲରୁ ପ୍ରାୟ ୮୩ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ତେବେ ଗତ ୨ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ଯେତିକି ଥର ବିମାନ ଉଡାଣ କରିଛନ୍ତି ସେତିକିଥର ସଚ଼ିବାଳୟ (ଲୋକସେବା ଭବନ) କିମ୍ବା ବିଧାନସଭାକୁ ଆସିବାକୁ ଆଗ୍ରହ ଦେଖାଇ ନଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀଙ୍କ ପରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ସର୍ବାଧିକ ୨୧ଥର ବିମାନରେ ଉଡାଣ କରିଛନ୍ତି । ସେଥିରେ ଅଧିକାଂଶ ଥର ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାକୁ ଯାଇଥିବା ସୂଚ଼ନା ମିଳିଛି ।ସଂସଦୀୟ ବ୍ୟାପାର ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସୂଚ଼ନା ଅନୁସାରେ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରୋମ-ଇଟାଲୀ-ଦୁବାଇ ଗସ୍ତରେ ଯିବା ପାଇଁ ରାଜ୍ୟ ରାଜକୋଷରୁ ମୋଟ ୮୨ଲକ୍ଷ ୯୨ହଜାର ୪୪୯ଟଙ୍କା ଖର୍ଚ୍ଚ କରିଥିବାବେଳେ ୨୦୨୨ ମାର୍ଚ୍ଚ ୨୮ରୁ ଡିସେମ୍ବର ୬ତାରିଖ ମଧ୍ୟରେ ଦିଲ୍ଲୀକୁ ୧୨ଥର, ମୁମ୍ବାଇକୁ ୨ଥର, ବାଙ୍ଗାଲୋର ଓ ହାଇଦ୍ରାବାଦକୁ ଥରେ ଲେଖାଏଁ ଏଭଳି ମୋଟ ୧୬ଥର ସ୍ୱତନ୍ତ୍ର ଏୟାରକ୍ରାଫ୍ଟରେ ଯିବାଆସିବା କରିଛନ୍ତି । ଯାହାବାବଦରେ ରାଜକୋଷରୁ ୪.୪୯କୋଟି ଟଙ୍କା ଖର୍ଚ୍ଚ ହୋଇଛି । ସେହିପରି ୨୦୨୧ ମାର୍ଚ୍ଚରୁ ୨୦୨୩ ଫେବୃୟାରୀ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଜ୍ୟ ଭିତରେ ୧୨ଥର ଏୟାରକ୍ରାଫ୍ଟ ଉପଯୋଗ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ଅନ୍ୟ ୪ଜଣ ମନ୍ତ୍ରୀ (ଦିବ୍ୟଶଙ୍କର ମିଶ୍ର ଓ ପଦ୍ମନାଭ ବେହେରା ଗୋଟିଏ ଥର ଲେଖାଏଁ, ମନ୍ତ୍ରୀ ନବ ଦାସ ଓ ତୁଷରକାନ୍ତି ବେହେରା ୮ଥର) ମୋଟ ୧୦ଥର ରାଜ୍ୟ ଭିତରେ ଏୟାରକାଫ୍ଟ ଭଡାରେ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଓ ଏହି ୪ ମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ଭିତରେ ଏୟାରକାଫ୍ଟ ଉପଯୋଗ କରିବା ନିମନ୍ତେ ରାଜ୍ୟ ରାଜକୋଷରୁ ୭.୯୩କୋଟି ଟଙ୍କା ଭଡା ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସରକାରୀ ଖର୍ଚ୍ଚରେ ଏୟାରକାଫ୍ଟ ଧରି ୨୦୨୧ ମସିହା ମାର୍ଚ୍ଚ ୧୦ରେ ନୂଆପଡା, ଅଗଷ୍ଟ ୨୦ରେ ଜୟପୁର, ସେପ୍‌ଟେମ୍ବର ୧୪ରେ ରାଉରକେଲା, ସେପ୍‌ଟେମ୍ବର ୨୨ରେ ତୁଷୁରା , ସେପ୍‌ଟେମ୍ବର ୨୪ରେ ନୂଆଦିଲ୍ଲୀ, ସେପ୍‌ଟେମ୍ବର ୨୯ରେ ନୂଆଦିଲ୍ଲୀରୁ ଭୁବନେଶ୍ୱର, ନଭେମ୍ବର ୨ରେ ସମ୍ବଲପୁର, ୮ରେ ଉତକେଲା, ୧୩ରେ ସୀତାଭାଟି, ୨୨ରେ ଫୁଲବାଣୀ ଗସ୍ତ କରିଥିବାବେଳେ ୨୦୨୩ ଜାନୁୟାରୀରେ ରାଉରକେଲା, ଜାନୁୟାରୀ ୧୩ରେ ଭୁବନେଶ୍ୱର-ରାଉରକେଲା ଯାଇଥିବା ଜଣାପଡିଛି ।ସେହିପରି ୨୦୨୧ ମାର୍ଚ୍ଚ ୩ରୁ ୨୦୨୩ ଜାନୁୟାରୀ ୨୮ତାରିଖ ମଧ୍ୟରେ ରାଜ୍ୟ ସରକାର ମୋଟ ୭୬ଥର ହେଲିକପ୍ଟର ଭଡାରେ ନେଇଛନ୍ତି । ଏଥିପାଇଁ ମୋଟ ୧୭.୮୯କୋଟି ଟଙ୍କା ରାଜକୋଷରୁ ଦେଇଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କ ଉପଯୋଗ ନିମନ୍ତେ ଏହି ଅବଧି ମଧ୍ୟରେ ମୋଟ ୩୬ଥର ହେଲିକପ୍ଟର ଭଡାରେ ନିଆଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କଟକ, ପୁରୀ, ପୁରୁଷୋତ୍ତମପୁର, ବେଗୁନିଆ, ଗୋପିନାଥପୁର-ବାଙ୍କି , ବ୍ରହ୍ମଗିରି ଆଦି ଯିବାକୁ ହେଲିକପ୍ଟର ସେବା ଉପଯୋଗ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୨୦୨୨ ଏପ୍ରିଲ ୧୧ତାରିଖରେ ପୁରୀକୁ ହେଲିକପ୍ଟରରେ ଯାଇଛନ୍ତି । ଏହି ଗୋଟିଏ ଥର ଦେଢ଼ ଘଣ୍ଟାର ପୁରୀ ଗସ୍ତ ପାଇଁ ମାସିକ ଭଡାସମେତ ମୋଟ ୧କୋଟି ୮୩ହଜାର ଟଙ୍କା ରାଜକୋଷରୁ ଭରଣା କରାଯାଇଛି ।

## ଆନ୍ତଃରାଜ୍ୟ କଫ ଶିରପ ରାକେଟକୁ ଧରିଲା ବଲାଙ୍ଗିର ପୁଲିସ : ୩୭ ଗିରଫ, ୧୨୯୦୦ ବୋତଲ କଫ ଶିରପ ଜବତ

ବଲାଙ୍ଗିର, ୧୩।୩(ପି.ଏନ): ଅନ୍ତଃରାଜ୍ୟ କଫ ଶିରପ ରାକେଟକୁ ଧରିବାରେ ସଫଳ ହୋଇଛି ବଲାଙ୍ଗିର ପୁଲିସ। ଏପର୍ଯ୍ୟନ୍ତ ବଲାଙ୍ଗିର ବରଗଡ଼ କଟକ ଇତ୍ୟାଦି ସ୍ଥାନରୁ ୩୭ ଜଣଙ୍କୁ ଧରାଯାଇଥିବା ବଲାଙ୍ଗିର ଏସପି ନୀତିନ୍ କୁଶଳକର ଆଜି ଏଠାରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ।ଗୁଣ୍ଡା ମାନଙ୍କ ସାମ୍ରାଜ୍ୟ ଗୁଣ୍ଡ କରିବା କାର୍ଯ୍ୟକ୍ରମ ଚାଲିଥିବା ବେଳେ ବଲାଙ୍ଗିରରେ ଅପରାଧର ମୂଳ ବେଆଇନ ନିଶା କାରବାର ବୋଲି ବିଚାର କରି ଏସପିଙ୍କ ନିର୍ଦ୍ଦେଶ ମୁତାବକ ଗୋଟିଏ ସ୍ୱତନ୍ତ୍ର ଦଳ କେ. ପ୍ରିୟଙ୍କା ରାଉତରାୟ, ସଦର ଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ, ସବ୍‌ଇନ୍ସପେକ୍ଟର କିରଣ କୁମାର ଜାନି, ରାଜେଶ ବେହେରା ସାଇବର ଓ କନେଷ୍ଟବଳଙ୍କୁ ନେଇ ନଜର ରଖାଯାଇଥିଲା। ପ୍ରାୟ ୩୦ ଲକ୍ଷ ଟଙ୍କାର ୧୨,୯୦୦ ବୋତଲ କଫ ଶିରପ ଧରିବା ସହିତ କଟକ ଗୋଦାମରୁ ୪୫ ଲକ୍ଷ ଟଙ୍କାର କଫ ଶିରପ୍ ଗୋଦାମରୁ ଜବତ ହୋଇ ରାସ୍ତାରେ ଆସୁଥିବା ଏସପି ପ୍ରକାଶ କରିଛନ୍ତି। ପୋଲିସ କ୍ଲିନ୍ କଫ ଶିରପ ଉପରେ ଦୃଷ୍ଟି ଦେଇଥିଲେ। ସୂଚନା ସଂଗ୍ରହ କରି ଗତକାଲି ସନ୍ଧ୍ୟାରେ ୮ ଜଣଙ୍କୁ ଗିରଫ ଓ ଗାଡ଼ିରେ ଯାଉଥିବା କଫ ଶିରପ ଧରିଲା ପରେ ଏପର୍ଯ୍ୟନ୍ତ ୩୭ ଜଣଙ୍କୁ ଗିରଫ କରିଥିବା ବେଳେ ଆହୁରି କିଛି ଲୋକ ଧରାପଡିବେ। ୪ରୁ ୫ଟି ଚାରି ଚକିଆ ଗାଡ଼ି, ଦୁଇଟି ବାଇକ୍, ୧୭ ଟି ମୋବାଇଲ, ଗୋଟିଏ ପିସ୍ତଲ, ନଗଦ ୭୫୦୦ ଟଙ୍କା, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ଜବତ ହୋଇଛି। କଲିକତାରୁ କଟକ ସେଠାରୁ ବଲାଙ୍ଗିର ଆସି ଏଠାରୁ ବିଭିନ୍ନ ସ୍ଥାନକୁ ଏହା ଯୋଗାଣ ହେଉଥିଲା। ମୁଖ୍ୟ ଯୋଗାଣକାରୀ କଲିକତାର କମ୍ପାନୀ ଡାଫୋଡ଼ିଲ ଡ୍ରଗ୍ ପ୍ରା ଲିଃ ର ବ୍ୟାଙ୍କ ଆକାଉଂଟକୁ ଅଚଳ କରାଯାଇଛି। ଯେଉଁଥିରେ ଦୁଇ କୋଟିରୁ ଅଧିକ ଟଙ୍କା ରହିଛି। ଯେଉଁ କମ୍ପାନୀ ଏହି କଫ ଶିରପ ତିଆରି କରୁଛି ଓ ଯୋଗାଣ କରୁଛି ତାକୁ ତଦନ୍ତ ପରିସରକୁ ନିଆଯାଇଛି। ବଲାଙ୍ଗିର ପୋଲିସ ଆଗକୁ ମଧ୍ୟ ତାର ଅଭିଯାନ ଚାଲୁ ରଖିବ। ବେଆଇନ କାରବାର କରୁଥିବା ଅପରାଧୀ ମାନଙ୍କୁ ଆଗକୁ ତୀକ୍ଷ୍ନ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

## କେତେ ପାରଙ୍ଗମ କ୍ରାଇମବ୍ରାଂଚ୍: ୧୦ ବର୍ଷରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୪.୪%

ଭୁବନେଶ୍ୱର,୧୩।୩(ପି.ଏନ): ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଂଚ୍ ତଦନ୍ତ ଓ ପାରିବାପଣିଆକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଥିବାବେଳେ କ୍ରାଇମବ୍ରାଂଚ୍‌ର ଟ୍ରାକ୍ ରେକର୍ଡ, ପାରିବାପଣିଆ ଓ ବିଶ୍ୱସନୀୟତା ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି। ବିଭିନ୍ନ ଅପରାଧ ମାମଲାରେ ରାଜନୀତିକ ସମ୍ପୃକ୍ତି ଓ ବିବାଦ ବଢ଼ିବା ପରେ କ୍ରାଇମବ୍ରାଂଚ୍‌କୁ ତଦନ୍ତ ଭାର ଦେଇ ନିରପେକ୍ଷ ତଦନ୍ତର ଆଳ ଦେଖାଇ ଖସିଯିବାକୁ ରାଜ୍ୟ ସରକାର ପ୍ରୟାସ କରୁଥିବାବେଳେ ଗତ ୧୦ବର୍ଷ ମଧ୍ୟରେ ଏହି ତଦନ୍ତକାରୀ ସଂସ୍ଥା ମାତ୍ର ୧୦ଟି ମାମଲାରେ ଦୋଷ ପ୍ରମାଣିତ ବା ଦୋଷୀ ସାବ୍ୟସ୍ତ କରାଇବାରେ ସକ୍ଷମ ହୋଇଛି । କ୍ରାଇମବ୍ରାଂଚ୍ ୧୦ ବର୍ଷରେ ମୋଟ ୨୨୫ଟି ମାମଲାର ତଦନ୍ତ କରଛି । ଏହି ଅବଧି ମଧ୍ୟରେ ୧୧ଟି ମାମଲାକୁ କୋର୍ଟରେ ଫଇସଲା ହୋଇଥିବାବେଳେ ସେଥିରୁ ୧୦ଟି ମାମଲାରେ ଦୋଷସିଦ୍ଧ ହୋଇଛି । ଅର୍ଥାତ୍ କ୍ରାଇମବ୍ରାଂଚ୍‌ର ଦୋଷୀ ସାବ୍ୟସ୍ତ ହାର ମାତ୍ର ୪.୪% । ଯାହାକି ଏହି ତଦନ୍ତକାରୀ ସଂସ୍ଥାର ପାରିବାପଣିଆ ଉପରେ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି । ଆଜି ବିଧାନସଭାରେ ବିଧାୟକ ଗଣେଶରାମ ସିଂ ଖୁଂଟିଆଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ, ରାଜ୍ୟରେ ଗତ ୧୦ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୩ରୁ ୨୦୨୨ ମସିହା ମଧ୍ୟରେ କ୍ରାଇମବ୍ରାଂଚ୍ ପୁଲିସ ଷ୍ଟେସନରେ ମୋଟ ୨୨୫ଟି ମାମଲାର ତଦନ୍ତ କରିଛି।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି। ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକି ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାତ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନିଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୧୪**

# ଦିଗହରା ଯୁବ ସମାଜ



ସୁଚରିତା ମହାନ୍ତି

ଆମ ଦୈନନ୍ଦିନ ଜୀବନରେ ସମସ୍ତଙ୍କ ର କିଛି ନା କିଛି ସମସ୍ୟା ଲାଗି ରହେ । ମଣିଷ ମାତ୍ରକେ ଭୁଲ୍ ଥାଏ ଏବଂ ସମୟ ଅନୁସାରେ ନିଜ ର ଭୁଲ୍ ବୁଝିପାରି ନିଜ କୁ ଉଚ୍ଚିତ ମାର୍ଗରେ ନେଇ ପାରିଲେ ଜୀବନ ର ଚ଼ଲାପଥ ସହଜ ଓ ସରଳ ହୋଇଯାଏ। ଏଥିପାଇଁ ଧୈର୍ଯ୍ୟ ଆବଶ୍ୟକ । ମନକୁ ଶାନ୍ତ ରଖି ଯେ କୌଣସି କାର୍ଯ୍ୟ କଲେ ସୁଫଳ ମିଳିବା ଥୟ କିନ୍ତୁ ଆଜି କାଲି ଦେଖାଯାଉଥିବା ବିଭିନ୍ନ ପ୍ରକାରର ଅଶାନ୍ତ ବାତାବରଣ ଭିତରେ ଆମ ଯୁବ ସମାଜ ସାମିଲ୍ ହେଉଛନ୍ତି । ଯଦି ଜଣେ ଯୁବକ / ଯୁବତୀ ଉଚ୍ଚ୍ଚ ଶିକ୍ଷା ଲାଭ କରେ ତା'ହେଲେ ଆମ ଘର ପରିବାର ତଥା ଆମ ସମାଜ ସବୁ କ୍ଷେତ୍ରରେ ବିକାଶ ଲାଭ କରିପାରିବ । ଉଚ୍ଚ୍ଚ ଶିକ୍ଷା ସହିତ ସେ ନିଜକୁ ସବୁକଥା ରେ ସମତା ରକ୍ଷା କରିବା ମଧ୍ୟ ଆବଶ୍ୟକ।

ବର୍ତ୍ତମାନ ସମୟରେ ୪୦/୫୦ ଶତାଂଶ ଯୁବପିଢ଼ି ଅଶାନ୍ତବାତାବରଣ ଭିତରେ ରହି ଲକ୍ଷ୍ୟ ଭ୍ରଷ୍ଟ ହେଉଛନ୍ତି । ବୁଝାମଣା ର ଘୋର ଅଭାବ ଦେଖାଦେଇଛି । ଅସ୍ଥିର ମାନସିକତା ନେଇ ଅଧିକାଂଶ ସମୟରେ ଦେଖାଯାଉଛି ଯୁବକ ଯୁବତୀ ଆତ୍ମହତ୍ୟା ରେ ଶିକାର ହେଉଛନ୍ତି। ନିଜର ମାନସିକ ଭାରସାମ୍ୟ ହରାଇ ମରଣ ମୁହଁ କୁ ଆପେଆପେ ଠେଲି ହୋଇ ଯାଉଛନ୍ତି। ଏଥିପାଇଁ କିଏ ଦାୟୀ ? ଘର ପରିବାର, ଶିକ୍ଷା ଅନୁଷ୍ଠାନ ନା ସମାଜ!! ମଣିଷ ନିଜର ଆତ୍ମ ଚ଼ିନ୍ତନ କରିବା ର ଶକ୍ତି ରହିଛି କିନ୍ତୁ ଯୁବସମାଜ ଏତେ ମାତ୍ରାରେ ଭାବପ୍ରବଣ ହୋଇ ଯାଏ ଯାହା ଫଳରେ ଅଘଟଣ ଘଟେଇଥାଏ ।

'କହିଲେ କୁଳ କୁଟୁମ୍ବ ଙ୍କୁ ଲାଜ
ନ କହିଲେ କୁଳ ଯାଉଛି ଭାସି।'

ସମୟ ସମୟରେ ବାପାମା ମାନେ ପିଲାମାନଙ୍କ ଆଚ଼ରଣରେ କ୍ଷୁବ୍ଧ ହୋଇଗଲେ ବି ନିଜ ସମ୍ମାନ କୁ ଜଗି ଚୁପଚ଼ାପ୍ ରହିଯାନ୍ତି।

ଯୁବପିଢ଼ି କ୍ରୋଧ ହିଂସା ଭ୍ରଷ୍ଟାଚ଼ାର କୁ ଆପଣେଇ ନେବା ପଛରେ ଅନେକ କାରଣ ଥାଏ। ଯାହା ଆମ ଭବିଷ୍ୟତ ପାଇଁ ଆଦୌ ଶୁଭଙ୍କର ନୁହେଁ।ସାମାନ୍ୟ ସାମାନ୍ୟ କଥାରେ କ୍ରୋଧ ଜାତ ହେବା ଏବଂ ପ୍ରତିଶୋଧ ପରାୟଣ ହୋଇ କୌଣସି ପ୍ରକାର ଅଭାବନୀୟ କାଣ୍ଡ ଭିଆଇବା ସେମାନଙ୍କ ର ଅଭ୍ୟାସ ରେ ପରିଣତ ହୋଇଗଲାଣି। ଉଚ୍ଚ ଶିକ୍ଷିତ ହୁଅନ୍ତୁ ବା ଅଶିକ୍ଷିତ ତାଙ୍କ ଭିତରେ ଅନୁରାଗ ର ଛାପ ନଜର ଆସୁନାହିଁ ।ଗୁରୁଜନ ଲଘୁଜନ ସମସ୍ତଙ୍କ କଥା ସେମାନଙ୍କୁ ବିଷ ଭଳି ଲାଗେ।

ପ୍ରତ୍ୟେକ କଥା ରେ କଡ଼ା କଡ଼ି ଭାବେ ଉତ୍ତର ଆସେ, ମୁଁ ଯାହା କଲି ତୁମର କ'ଣ ଗଲା ? ତୁମେ କହିବା ପାଇଁ କିଏ ? ବୁଝିବା ପାଇଁ ସେତିକି ସାମର୍ଥ୍ୟ ତାଙ୍କ ପାଖରେ ନଥାଏ। ସେତେବେଳେ ସେମାନେ ଭାବନ୍ତି ନାହିଁ ଯେ ଆମେ ଏ ପ୍ରତିଉତ୍ତର କାହାକୁ ଫେରଉଛୁ ଘରେ ବାପା ମା କିମ୍ବା ଅନ୍ୟ ମାନେ କିଛି କହିଲେ, ସେମାନଙ୍କୁ ମାରିବା ପାଇଁ ମଧ୍ୟ ପଛାନ୍ତି ନାହିଁ ।ମିଛ କହି ଅର୍ଥ ଉପାର୍ଜନ କରିବା, ଯେତେକ ଅସାମାଜିକ ଲୋକମାନଙ୍କ ସହିତ ମିଶି ମଜାମସ୍ତି କରି ସମୟ ନଷ୍ଟ କରିବା ବ୍ୟତୀତ ଆଉ କୋ ?ଣସି ଆଦର୍ଶ ମୂଳକ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ଭବ ହୋଇନଥାଏ।

ବର୍ତ୍ତମାନର ଯୁବପିଢି ମାନଙ୍କୁ ସୁଧାରିବା ପାଇଁ ହେଲେ ସମସ୍ତ ଶିକ୍ଷାନୁଷ୍ଠାନ ରେ ଆଧ୍ୟାତ୍ମିକ ଦିଗକୁ ଦୃଷ୍ଟି ଦେବା ନିହାତି ଆବଶ୍ୟକ । ଆଗରୁ ଯେଉଁ ଗୁରୁ ଶିଷ୍ୟର ପରମ୍ପରା ଥିଲା ତାହା କ୍ରମଶଃ ଲୋପ ପାଇବାକୁ ବସିଲାଣି। ପ୍ରତ୍ୟେକ ଶିକ୍ଷାନୁଷ୍ଠାନଗୁଡ଼ିକ ରେ ଶିକ୍ଷା ପ୍ରଦାନ ସମୟରେ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ପିଲାମାନଙ୍କୁ ଆଦର ସହକାରେ ବୁଝାଇବା କୁ ଚେଷ୍ଟା କଲେ ସେମାନେ ଜଣେ ଜଣେ ଭଲ ମଣିଷ ହୋଇ ପାରିବେ । ଆଗରୁ ପ୍ରତି ଘରେ ଘରେ ଗୀତା ପାରାୟଣ ଏବଂ ଭାଗବତ ପୁରାଣ ପଢ଼ିବା ସହିତ ସେ ବିଷୟରେ ଆଲୋଚ଼ନା ହେଉଥିଲା, ଏବେ ସେସବୁ ଘର ମାନଙ୍କ ରେ ଆଉ ଦେଖା ଯାଉନାହିଁ। ବାପା ମା ପିଲାମାନଙ୍କୁ ସମୟ ଦେଇ ପାରୁ ନାହାନ୍ତି କିମ୍ବା ପିଲା କ'ଣ କରୁଛି ତାହା ବି ଭଲଭାବରେ ବୁଝୁ ନାହାନ୍ତି । ଅବହେଳିତ ହୋଇ ପିଲା ଚ଼ିଡ଼ି ଚ଼ିଡ଼ା ହୋଇଥାନ୍ତି। ପିଲାଟିଏ ଯେଉଁ ପରିବେଶରେ ବଡ଼ ହୋଇଥାଏ ତାହା ହିଁ ସେ ଶିକ୍ଷା ଲାଭ କରିଥାଏ । ତା'ପରେ ପ୍ରକୃତି ପାଖରୁ ନିଜକୁ ନିୟନ୍ତ୍ରଣରେ ରଖି କିପରି କାର୍ଯ୍ୟ କରିବ ସେସବୁ ଶିଖିଥାଏ । ଯାହା କି ଖୁବ୍ କମ୍ ଲକ୍ଷ୍ୟ କରାଯାଏ ।

ଗୋଟିଏ ପିଲା ର ଚ଼ାଲିଚ଼ଳନ ଆଚ଼ାର ବ୍ୟବହାର ରୁ ଜଣାପଡ଼ ? ସେ ଭବିଷ୍ୟତ ରେ ଭଲ କି ଖରାପ ମଣିଷ ହେବ । ସମାଜ ରେ ଅନେକ ଉଦାହରଣ ଅଛି, ଯେଉଁ ପିଲାମାନେ ମୁଠାଏ ଖାଇବାକୁ କି ପିନ୍ଧିବାକୁ ପାଉନାହାନ୍ତି ସେ ପିଲା ଦୁନିଆରେ ଗୋଟିଏ ଗୋଟିଏ ଆଦର୍ଶ ପାଲଟି ଯାଉଛନ୍ତି ଆଉ ଯେଉଁମାନଙ୍କ ପାଖରେ ସବୁ ପ୍ରକାର ସୁବିଧା ସୁଯୋଗ ଅଛି ସେମାନେ ଅନାର୍ଯ୍ୟଭାବେ କାର୍ଯ୍ୟ କରନ୍ତି ।

ଆମ ଭବିଷ୍ୟତର ଦାୟାଦ ଯଦି ଦିଗହରା ହୋଇଯିବେ ତା'ହେଲେ ପରିସ୍ଥିତି ଦିନକୁ ଦିନ ଜଟିଳ ହୋଇଯିବ । ବିଭିନ୍ନ ପ୍ରକାର ର ନିଶା ସେବନ କରି ଅସୁସ୍ଥକର ପରିବେଶ ସୃଷ୍ଟି କରୁଛନ୍ତି ।ମନରେ ଭୟ କିମ୍ବା ତିଳେ ହେଲେ ବି ଗ୍ଲାନି ନଥାଏ । ସେମାନେ ଭୁଲି ଯାନ୍ତି ତାଙ୍କ ଭିତରେ ଗୋଟିଏ ଆତ୍ମା ଅଛି, ସେମାନେ ଜୀବିତ । କିଛି ଭଲ କାମ କରିବା ପାଇଁ ମଣିଷ ଜନ୍ମ ହୋଇ ଧରାଧାମରେ ଜନ୍ମ ଗ୍ରହଣ କରିଛନ୍ତି । ସକାରାତ୍ମକ ଚ଼ିନ୍ତାଧାରା ନେଇ ସଫଳ ମଣିଷ ହୋଇ ଛିଡ଼ା ହେବାପାଇଁ ହେଲେ ନିଜର ଆତ୍ମ ବିଶ୍ୱାସ କୁ ଦୃଢ଼ କରି ସମସ୍ତଙ୍କର ଶ୍ରଦ୍ଧା ଭାଜନ ହେବା ଆବଶ୍ୟକ ।ନିଜର ବିବେକ ବଳରେ ଭଲମନ୍ଦ ନିରୂପଣ କରାଯାଇ ପାରେ । ତେଣୁ ଯୁବପିଢ଼ି ପ୍ରତ୍ୟେକ ସମସ୍ୟା ର ସମାଧାନ କରି ବିବେକ ବୁଦ୍ଧି ଦ୍ୱାରା ଜୀବନ କୁ ସରସ ସୁନ୍ଦର କରିବା ନିହାତି ଆବଶ୍ୟକ।

ସମ୍ପାଦିକା-'ଭଞ୍ଜଦୀପ'
ମୋ: ୮୯୧୭୫୭୧୨୦୨

# ଲୋକରତ୍ନ କୁଞ୍ଜବିହାରୀ ଦାଶ



ଡ଼ଃ.ଅରୁନ୍ଧତୀ ଦେବୀ

ଲୋକରତ୍ନ କୁଞ୍ଜବିହାରୀ ଦାଶ ଏକଧାରରେ ଜଣେ ଗବେଷକ, ଶିକ୍ଷାବିତ୍ ଓ ସାହିତ୍ୟିକ ଥିଲେ। ପୁରୀ ଜିଲ୍ଲା ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ଶାସନରେ ତାଙ୍କର ଜନ୍ମ। ଆର୍ଥିକ ପ୍ରତିବନ୍ଧ ସତ୍ତ୍ୱେ ସେ ଉଚ୍ଚଶିକ୍ଷା ଲାଭ କରିଥିଲେ। ହାଇସ୍କୁଲ ଶିକ୍ଷକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରି, ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟର ପ୍ରଫେସର ହୋଇପାରିଥିଲେ। ଓଡ଼ିଆ ଲୋକ ଗୀତ ଓ କାହାଣୀ ଉପରେ ଗବେଷଣା କରି ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଲାଭ କରିଥିଲେ। ସେ ଅନେକ କାବ୍ୟ କବିତା, ଉପନ୍ୟାସ, ଭ୍ରମଣ କାହାଣୀ, ଲୋକ ଗଳ୍ପ, ଢ଼ଗଢ଼ମାଳିର ରଚୟିତା। ତାଙ୍କର ପ୍ରଥମ କାବ୍ୟ ଲାବଣ୍ୟ କୁସୁମ। ଆମେରିକାରୁ ୟୁରୋପ ଆଫ୍ରିକା ଭ୍ରମଣ କାହାଣୀ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ ଆତ୍ମଚରିତ ମୋ କାହାଣୀ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ। ଲୋକ ସାହିତ୍ୟରେ ଉଲ୍ଲେଖନୀୟ ଗବେଷଣା ପାଇଁ କଲକାତା ଏକାଡ଼େମୀ ଅଫ୍ ଫୋକଲୋର ପକ୍ଷରୁ ତାଙ୍କୁ ଲୋକରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା। ବ୍ୟକ୍ତିଗତ ଜୀବନରେ କୁଞ୍ଜବିହାରୀ ଥିଲେ ଅତ୍ୟନ୍ତ ସରଳ, ଅମାୟିକ ଓ ନିଷ୍କପଟ ମଣିଷ। କାହା ବିରୋଧରେ ଅଭିଯୋଗ ନଥିଲା ବା କିଛି ନ ପାଇବାର ହତାଶାଭାବ ତାଙ୍କୁ ଘାରୁ ନଥିଲା। ସହରୀ ଜୀବନ କଟାଉଥିଲେ ବି ସେ ଥିଲେ ଗାଁ ପ୍ରିୟ ମଣିଷ। ପିଲାଙ୍କ ଠାରୁ ବୁଢ଼ାଙ୍କ ଯାଏ ସମସ୍ତଙ୍କ ସହ ଥଟ୍ଟା ତାମସା, ଗପସପ, ଟାହିଟାପରାରେ ତାଙ୍କ ସମୟ ବିତୁଥିଲା। କଥା କଥାକେ ତାଙ୍କ ପାଟିରୁ ଢ଼ଗ-ଢ଼ମାଳି ବାହାରୁଥିଲା। ୧୯୯୪ ମାର୍ଚ୍ଚ ୧୪ ତାରିଖ ଦିନରେ ଏହି ସ୍ୱାଭିମାନୀ ଓଡ଼ିଆଙ୍କ ପରଲୋକ ହୋଇଥିଲା।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ଆଲବର୍ଟ ଆଇନଷ୍ଟାଇନ୍ : ଆଧୁନିକ ପଦାର୍ଥ ବିଜ୍ଞାନର ଜନକ

ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କୁ ଆଧୁନିକ ପଦାର୍ଥ ବିଜ୍ଞାନର ଜନକ କୁହାଯାଇଥାଏ । ସେ ସୈଦ୍ଧାତିକ ଭୌତିକ ବିଜ୍ଞାନ, ବିଶେଷତଃ ଆଲୋକ ବିଦ୍ୟୁତ୍ ବିକିରଣର ସନ୍ଧାନ ପାଇଁ ୧୯୨୧ ମସିହାରେ ନୋବେଲ ପୁରସ୍କାର ପାଇଥିଲେ । ପଦାର୍ଥ ବିଜ୍ଞାନ ଗବେଷଣା କ୍ଷେତ୍ରରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ଆଇନ୍‌ଷ୍ଟାଇନ୍ ମୁଖ୍ୟତଃ ଆପେକ୍ଷିକ ତତ୍ତ୍ୱ ଏବଂ ବସ୍ତୁତ୍ୱ ଶକ୍ତି ସମୀକରଣ 'ଇ=ଏମ୍‌ସି ସ୍କୋୟାର୍' ଥିଓରୀର ଉଦ୍ଭାବନ ପାଇଁ ଜଣାଶୁଣା । ଏହାବ୍ୟତୀତ ସାଧାରଣ ଆପେକ୍ଷିକ ତତ୍ତ୍ୱ, ବିଶେଷ ଆପେକ୍ଷିକ ତତ୍ତ୍ୱ, ବିଦ୍ୟୁତ୍ ଚୁମ୍ବକୀୟ ପ୍ରଭାବ, ବସ୍ତୁତ୍ୱ ଶକ୍ତି ସମୀକରଣ, ବ୍ରାଉନିଆନ୍ ଗତି ତତ୍ତ୍ୱ, ଆଇନ୍‌ଷ୍ଟାଇନ୍ ସମୀକରଣ, ବୋଷ ଆଇନଷ୍ଟାଇନ୍ ପରିସଂଖ୍ୟାନ, ୟୁନିଫାଏଡ୍ ଫିଲ୍ଡ ଥିଓରୀ, ଇପିଆର୍ ପାରାଡକ୍ସ ଆଦି ସିଦ୍ଧାନ୍ତର ଉଦ୍ଭାବନ କରିଥିଲେ । ଆଇନ୍‌ଷ୍ଟାଇନ୍ ୫୦ରୁ ଅଧିକ ବିଜ୍ଞାନ ଗବେଷଣା ପତ୍ର ଓ ପୁସ୍ତକ ଲେଖିଯାଇଛନ୍ତି । ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ବିବେଚନା କରାଯାଇଥାଏ । ତାଙ୍କର ପ୍ରଖର ବୁଦ୍ଧିମତା ଅତୁଳନୀୟ । ୧୪ ମାର୍ଚ୍ଚ ୧୮୭୯ରେ ଜର୍ମାନୀର ବୁଟେମ୍‌ବର୍ଗର ଏକ ଇହୁଦୀ ପରିବାରରେ ଆଇନ୍‌ଷ୍ଟାଇନ୍ ଜନ୍ମ ଗ୍ରହଣ କରିଥିଲେ । ପିଲାବେଳେ ଠିକ୍ ଭାବେ କଥା କହିପାରୁନଥିବା ଆଇନ୍‌ଷ୍ଟାଇନ୍ ଜଣେ ମେଧାବୀ ଛାତ୍ର ଥିଲେ ।

ପିଲାଟି ଦିନରୁ ଆଇନଷ୍ଟାଇନ୍ ସର୍ବଦା ନିଃସଙ୍ଗତାକୁ ଭଲ ପାଉଥିଲେ। ଏବଂ ଅନେକ ସମୟ ସିଏ ବଡ଼ଲୋକଙ୍କ ପରି କିଛି ଚିନ୍ତା କରୁଥିବା ପରି ତାଙ୍କ ଆଚରଣ ବାହାରକୁ ପ୍ରଦର୍ଶିତ ହେଉଥିଲା। ତେବେ ଆଇନଷ୍ଟାଇନ୍‌ଙ୍କର ପିତା ଜଣେ ଇଞ୍ଜିନିୟର ଥିବାରୁ ସେ ଚାହୁଁଥିଲେ ତାଙ୍କ ପୁଅଟି ଜଣେ ଦକ୍ଷ ଇଞ୍ଜିନିୟର ହେଉ। ତେବେ ତାଙ୍କୁ ପନ୍ଦର ବର୍ଷ ବୟସ ହେବାପୂର୍ବରୁ ସେ ସକ୍ରେଟିସ୍, ଇଉକ୍ଲିଡ୍, ନିଉଟନ୍, ସିନୋଜା, ବିଥୋଭେନ୍, ହେନ୍ ମେ କାଟ୍ ପ୍ରଭୃତି ମହାମନୀଷୀଙ୍କର ରଚିତ ଗ୍ରନ୍ଥସବୁ ଅଧ୍ୟୟନ କରିଥିଲେ। ଏତେ ପଢୁଥିଲେ ମଧ୍ୟ ବେଳେ ବେଳେ ସେ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିଲେ। ସେ ଥରକରେ ମାଟ୍ରିକ୍ୟୁଲେସନ ପାଶ୍ କରିପାରି ନଥିଲେ। କିନ୍ତୁ ତାଙ୍କର ମନୋବଳ କେବେ ବି ଭାଙ୍ଗିପଡୁ ନଥିଲା। ବହୁ ପୁସ୍ତକ ଅଧ୍ୟୟନକୁ ସେ ତାଙ୍କର ଜୀବନର ଲକ୍ଷ୍ୟ ବୋଲି ଧରିନେଇଥିଲେ। ପିଲାଦିନରୁ ପଦାର୍ଥ ବିଜ୍ଞାନ ଓ ଗଣିତ ଶାସ୍ତ୍ର ପ୍ରତି ବିଶ୍ୱର ଆଇନ୍‌ଷ୍ଟାଇନ୍‌ଙ୍କର ଦୁର୍ବଳତା ରହିଥିଲା ତେବେ ଜୀବିକାର୍ଜନ ପାଇଁ କୌଣସି ମତେ ଶିକ୍ଷକତା କରି ନିଜ ଦାୟିତ୍ୱ ତୁଲାଇବା ପାଇଁ ସେ ସ୍ଥିର କଲେ। ମାନ-ସମ୍ମାନ, ଖ୍ୟାତି-କ୍ଷମତା ଠାରୁ ଦୂରରେ ରହି ଏହି ନିରଳସ ନୀରବ ଗବେଷକ ଦୀର୍ଘ ଛବିଶ ବର୍ଷ ତାଙ୍କର ଗବେଷଣା ଚଳାଇ ୧୯୦୫ ଖ୍ରୀଷ୍ଟାବ୍ଦଠାରୁ ପଦାର୍ଥବିଜ୍ଞାନ ସମ୍ପର୍କରେ ତାଙ୍କର ସନ୍ଦର୍ଭମାନ ପ୍ରକାଶ କରିବାକୁ ଲାଗିଲେ। ତାଙ୍କର ବିଶେଷ ଆପେକ୍ଷିକ ତତ୍ତ୍ୱ ତାଙ୍କୁ ସମଗ୍ର ଜଗତ୍‌ରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ରୂପେ ପରିଚିତ କରାଇଲା। ବିଶ୍ୱବାସୀଙ୍କର ଶ୍ରଦ୍ଧାଞ୍ଜଳି ତାଙ୍କରି ପାଦତଳେ ଅଜାଡ଼ି ହୋଇପଡ଼ିଲା। ୧୯୦୯ରେ ଜୁରିଚ୍ ବିଶ୍ୱବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗର ମୁଖ୍ୟ ଅଧାପକରୂପେ ସେ ଯୋଗଦାନ କଲେ। ୧୯୨୧ ଖ୍ରୀଷ୍ଟାବ୍ଦରେ ସେ ବ୍ରିଟିଶ ରୟାଲ୍ ସୋସାଇଟିର ସଭ୍ୟରୂପେ ନିର୍ବାଚିତ ହେଲେ ଓ ୧୯୨୨ ମସିହାରେ ନୋବେଲ ପୁରସ୍କାର ଲାଭ କଲେ। ଦେଶବିଦେଶରେ ଏହି ବିଶ୍ୱବରେଣ୍ୟ ବୈଜ୍ଞାନିକଙ୍କର ସାଧନା ଓ ପ୍ରତିଭାର ସମ୍ବାଦ ପ୍ରଚାରିତ ହେଲା। ୧୯୨୧ ମସିହାରେ ସେ ନୋବେଲ ପୁରସ୍କାର ମିଳିଥିବା ୧ଲକ୍ଷ ୯୨ ହଜାର ଟଙ୍କାକୁ ଦାନ କରି ଦେଇଥିଲେ। ସକ୍ରେଟିସ୍‌ଙ୍କ ପରି ତାଙ୍କର କିଛି ହେଲେ ଆବଶ୍ୟକ ନଥିଲା। ସତ୍ୟାନୁସନ୍ଧାନ ବ୍ୟତୀତ ଆମୋଦ ପ୍ରମୋଦ ବା ବିଳାସ୍ୟବେସନରେ ସମୟ କଟାଇବା କଥା ତାଙ୍କ ମନ ମଧ୍ୟରେ କେବେହେଲେ ସ୍ଥାନ ଲାଭ କରି ନଥିଲା। ୧୯୫୨ରେ ଇହୁଦୀରାଷ୍ଟ୍ର ଇସରାଏଲର ପ୍ରେସିଡେଣ୍ଟ ହେବା ନିମିତ୍ତ ତାଙ୍କୁ ଯେତେବେଳେ ନିମନ୍ତ୍ରଣ କରାଗଲା ସେ ତାହା ପ୍ରତ୍ୟାଖ୍ୟାନ କରିଥିଲେ। ଆଇନଷ୍ଟାଇନ୍‌ଙ୍କର ୧୯୦୫ ମସିହାରେ ପ୍ରଚାର କରିଥିବା ତଥ୍ୟ ବିଶ୍ୱକୁ ତ୍ରସ୍ତ ଚକିତ କରିଥିଲା। ଗୋଟିଏ ଗ୍ରାମ ଜଡ଼ବସ୍ତୁକୁ ଶକ୍ତିରେ ରୂପାନ୍ତରିତ କଲେ ସେହି ଶକ୍ତିରେ କଲିକତାରୁ ଦିଲ୍ଲୀ ଯାଉଥିବା ଗୋଟିଏ ରେଳଗାଡ଼ି କଲିକତାରୁ ଦିଲ୍ଲୀ ଛଅ ଥର ଯିବା ଆସିବା କରିପାରିବ। ତାଙ୍କର ଏହି ତଥ୍ୟ ଜଗତ୍‌କୁ କେବଳ ଚମକୃତ କରି ନାହିଁ, ମଣିଷର ଜୀବନଧାରାରେ ବିପୁଳ ପରିବର୍ତ୍ତନର ସୂତ୍ରପାତ କରିଛି। ଭାରତୀୟ କାଳଗଣନାର ଧାରାକୁ ପ୍ରକାରାନ୍ତରେ ସେ ମଧ୍ୟ ସ୍ୱୀକୃତି ପ୍ରଦାନ କରିଅଛନ୍ତି। ଗାନ୍ଧିଜୀଙ୍କର ଅହିଂସାବ୍ରତ, କର୍ମଯୋଗ, ସତ୍ୟାନୁରାଗ ଓ ମାନବଜାତିପ୍ରୀତି ତାଙ୍କୁ ତନ୍ମୟ କରିଥିଲା। ତାଙ୍କ ମତରେ ଭବିଷ୍ୟତ ବଂଶଧରମାନେ କେବେ ବିଶ୍ୱାସ କରିବେ ନାହିଁ ଯେ ଏପରି ଜଣେ ରକ୍ତମାଂସଧାରୀ ବ୍ୟକ୍ତି ପୃଥିବୀରେ ବିଚରଣ କରୁଥିଲା। ସମ୍ପଦ ଓ ସମ୍ମାନ ସାଧାରଣ ସଂସାରୀ - ଜୀବନରେ ବ୍ୟତିକ୍ରମ ସୃଷ୍ଟିକରେ, ମାତ୍ର ଜ୍ଞାନୀ ବ୍ୟକ୍ତିର ହୃଦୟକୁ ତାହା ଯେ କଳୁଷିତ କରିପାରେ ନା ଆଇନଷ୍ଟାଇନଙ୍କର ଜୀବନରେ ଏହା ପ୍ରମାଣିତ ହୋଇଥିଲା। ପୃଥିବୀର ଶାନ୍ତି ଓ ପ୍ରଗତି ପାଇଁ ତାଙ୍କର ଜୀବନର ପ୍ରତିଟି ମୁହୂର୍ତ୍ତକୁ ଦାନ କରି ୧୯୯୫ ମସିହା ଏପ୍ରିଲ ମାସ ୧୮ ତାରିଖରେ ସେ ଏହି ଧାମରୁ ଚିରବିଦାୟ ଗ୍ରହଣ କଲେ।



ଡକ୍ଟର ରାଜକିଶୋର ମିଶ୍ର

*ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦*

# ନଦୀ : ମାନବ ସମାଜ ପାଇଁ ଜୀବନ ରେଖା

ନଦୀ ମାନବ ସମାଜ ପାଇ ଜୀବନରେଖାର ଭୂମିକା ନିର୍ବାହ କରିଆସିଛି । ମନୁଷ୍ୟକୁ ଜଳ ଯୋଗାଇ ଦେବା ସହ ଜୈବ ବିବିଧତା ସଂରକ୍ଷଣ, କୃଷି କାର୍ଯ୍ୟରେ ସହାୟତା କରିଆସିଛି ନଦୀ । ମାନବ ସଭ୍ୟତା ଗଢ଼ି ଉଠିବା ଦିନ ଠାରୁ ନଦୀ ଏକ ଉପକାରୀ ପ୍ରାକୃତିକ ଜଳ ଉତ୍ସ ଭାବେ ସର୍ବଦା ମଣିଷକୁ ସହାୟତା ଯୋଗାଇ ଆସିଛି । ନଦୀ ଉପତ୍ୟାକାରେ ଅନେକ ସମୃଦ୍ଧ ସଭ୍ୟତା ଗଢ଼ି ଉଠିଥିବା ଇତିହାସରେ ବର୍ଣ୍ଣିତ । ହେଲେ ବର୍ତ୍ତମାନ ନଦୀ ଜଳର ଅପବ୍ୟବହାର କରାଯାଉଛି । ଶିଳ୍ପାୟନ ଯୋଗୁଁ ନଦୀ ଜଳ ଦୂଷିତ ହେବା ସହ ଅପଚୟ ହେଉଛି । ନଦୀ ଜଳକୁ ଶିଳ୍ପ କାର୍ଯ୍ୟରେ ବ୍ୟବହାର କରାଯାଇଥିବାବେଳେ ଏହାର ସଂରକ୍ଷଣ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ । ସେହିପରି ବିଦ୍ୟୁତ୍ ଉତ୍ପାଦନ, ଜଳସେଚନ ପାଇଁ ବଡ଼ ବଡ଼ ଡ୍ୟାମ୍ ନିର୍ମାଣ କରାଯାଉଛି । ନଦୀର ଗତିପଥ ବଦଳା ଯାଉଛି । ଏଥିଯୋଗୁଁ ମରୁଡ଼ି, ବନ୍ୟା, ଭଳି ପରିସ୍ଥିତି ସୃଷ୍ଟି ହେଉଛି । କେବଳ ଭାରତୀୟ ଜନଜୀବନ ନୁହେଁ ସମଗ୍ର ପୃଥିବୀର ମୁଖ୍ୟ ଜୀବନ ଜୀବିକାର ଅବଲମ୍ବନ କ୍ଷେତ୍ର ହେଉଛି ପ୍ରମୁଖ ନଦୀ। ଇତିହାସ ପୃଷ୍ଠାରେ ଦେଖାଯାଇଛି ମାନବ ସଭ୍ୟତା ପ୍ରତିଷ୍ଠା ହୋଇଥିବା ବେଳେ ସେମାନେ ସର୍ବପ୍ରଥମେ ନିଜ ଦୈନନ୍ଦିନ ଜୀବନଯାପନ ପାଇଁ ନଦୀକୂଳକୁ ଗୁରୁତ୍ୱ ଦେଉଥିଲେ। ଐତିହାସିକମାନେ ବିଭିନ୍ନ ପ୍ରାମାଣିକ ଭାବରେ ଏସବୁ ଉଲ୍ଲେଖ କରିଛନ୍ତି। ଆଜି ଭାରତର ପ୍ରମୁଖ ନଦୀମାନେ ନିଜର ଗତିପଥକୁ ବାଧାବିଘ୍ନତାର ସହିତ ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ମନୁଷ୍ୟକୃତ କୁଢ଼ କୁଢ଼ ବିଭିନ୍ନ ଆବର୍ଜନା ନଦୀ ଜଳକୁ ଭୟଙ୍କର ଭାବେ ପ୍ରଦୂଷିତ ସହ ଏହାର ଗଭୀରତାକୁ କ୍ଷତବିକ୍ଷତ କରୁଛନ୍ତି। ଭାରତର ବିଶିଷ୍ଟ ଜନନାୟକ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାଙ୍କ ଶାସନ ସମୟରେ ଭାରତରେ ନଦୀ ସଂଯୋଗୀକରଣ ଯୋଜନାକୁ ଗୁରୁତ୍ୱ ଦେଇ ଏକ ବହୁତ ବଡ଼ ପଦକ୍ଷେପ ହାତକୁ ନେଇଥିଲେ ଯାହାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗଙ୍ଗା ସଫେଇ ଅଭିଯାନ ଏକ ଦୃଷ୍ଟାନ୍ତମୂଳକ ଯୋଜନା କହିଲେ ଅତ୍ୟୁକ୍ତି ହେବନାହିଁ। ନଦୀଜଳ ମନୁଷ୍ୟର ପାନୀୟର ମୁଖ୍ୟ ଅବଲମ୍ବନ ହେବା ସହ କୃଷି କାର୍ଯ୍ୟ, ବିଭିନ୍ନ ବ୍ୟବସାୟ ବିପଣନ, ଗୃହପାଳିତ ପଶୁପକ୍ଷୀଙ୍କ ମୁଖ୍ୟ ଆଧାର ଏହିପରି ବିଭିନ୍ନ ଭାବରେ ଆମ ମାନଙ୍କୁ ପରିତୃପ୍ତି ଦେଇଥାନ୍ତି। କିନ୍ତୁ ଘୋର ଦୁଃଖର ପ୍ରସଙ୍ଗ ହେଉଛି ଯେଉଁ ନଦୀ ଆମ ମାନଙ୍କୁ ପିଇବା ପାଣି ଦେଉଛି ଆମ୍ଭମାନଙ୍କୁ ଚାଷର କ୍ଷେତକୁ ସୁଜଳା ସୁଫଳା କରୁଛି ଆମେ ସେହି ନଦୀଜଳକୁ ପ୍ରଦୂଷିତ କରିବାରେ ପଛାଉ ନାହିଁ। ଭାରତର ଅନେକ ପ୍ରମୁଖ ସହର ଏହି ନଦୀ ତଟରେ ଗଢ଼ି ଉଠିଛି। ମୁମ୍ବାଇ କୁହନ୍ତୁ ବା ନୂଆଦିଲ୍ଲୀ, କାନପୁର କୁହନ୍ତୁ ବା ଆହ୍ଲାବାଦ, ହରିଦ୍ୱାରା, ଋଷିକେଶ ଏପରିକି ହଜାର ବର୍ଷର ସହର ଭାବରେ ପରିଚିତ କଟକର ଦୁଇପଟେ ରାଜ୍ୟର ପ୍ରମୁଖ ନଦୀ ମହାନଦୀ ଓ କାଠଯୋଡ଼ି ବୋହି ଯାଇଛି। ନଦୀଠାରୁ ଆମେ ଏତେ ଉପକାର ପାଇ ମଧ୍ୟ ଆମ କାଳକାରଖାନାର ସମସ୍ତ ବର୍ଜ୍ୟବସ୍ତୁକୁ ନଦୀ ଜଳ ଭିତରକୁ ଛାଡ଼ି ଦେଉଛୁ ଯାହାଦ୍ୱାରା କଳକାରଖାନାର ଭୟଙ୍କର ବର୍ଜ୍ୟ ସମାଗ୍ରୀ ନଦୀଜଳକୁ ଭୟଙ୍କର ଭାବରେ ପ୍ରଦୂଷିତ କରି ଏହା ପ୍ରକାରାନ୍ତରେ ଆମ ପାଇଁ କ୍ଷତିକାରକ ସାଜିଛି। କେବଳ ସହରାଞ୍ଚଳ ନୁହେଁ ଭାରତର ଗ୍ରାମ୍ୟ ଜନଜୀବନ ମଧ୍ୟ ଏହି ନଦୀର ଅବବାହିକାର ସ୍ମୃତିକୁ ନେଇ ଗଢ଼ି ଉଠିଛି। ସଂପ୍ରତି ବିଶ୍ୱର ବଡ଼ ବଡ଼ ଶକ୍ତିଶାଳୀ ଦେଶମାନେ ନିଜ ନିଜ ଦେଶର ନଦୀର ସୁରକ୍ଷା ଓ ଗଭୀର ଖନନ ପାଇଁ ଅନେକ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। କେବଳ ସେତିକି ନୁହେଁ ଦିନ ଥିଲା ବିଭିନ୍ନ ନଦୀରେ ଡଙ୍ଗା ଚାଳନା କରି ଲୋକମାନେ ଯାଆସ କରିବା ସହ ନିଜ ଜିନିଷପତ୍ର ମଧ୍ୟ ପରିବହନ କରୁଥିଲେ। ସଡ଼କର ବିକାଶ ନ ହୋଇଥିବା ସମୟରେ ଆନ୍ତଃ ନଦୀ ପରିବହନ ବ୍ୟବସ୍ଥା ଥିଲା ମୁଖ୍ୟ ଯୋଗାଯୋଗର ମାଧ୍ୟମ। ଭାରତର ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କ୍ରିଷ୍ଣା, କାବେରୀ ପ୍ରଭୃତି ନଦୀମାନେ କେତେକ କ୍ଷେତ୍ରରେ ନିଜ ଗତିପଥ ବଦଳାଇବା ପାଇଁ ବାଧ୍ୟ ହୋଇଛନ୍ତି। କେତେକ ଘଟଣା ପାଇଁ ଆମ ପରିପାର୍ଶ୍ୱିକ ଭୌଗୋଳିକ ପରିସ୍ଥିତି ଦାୟୀ କିନ୍ତୁ ଆଉ କିଛି ଘଟଣା ପାଇଁ ଏହା ମନୁଷ୍ୟକୃତ ତ୍ରୁଟି। ଶାସ୍ତ୍ରରେ ନଦୀମାନଙ୍କୁ ଦିବ୍ୟ ଜନନୀ ଭାବରେ ପୂଜା କରାଯାଇ ସେମାନଙ୍କ ପ୍ରତି ସମ୍ମାନ ଜଣାଯାଇଛି। ଆଜି ପର୍ଯ୍ୟନ୍ତ ଆହ୍ଲାବାଦର ବିଭିନ୍ନ ଘାଟରେ ଗଙ୍ଗା ଆରତୀ ଯେଉଁମାନେ ଦେଖିଥିବେ ବା ହରିଦ୍ୱାରରେ ଗଙ୍ଗା ପୂଜନ ମହା ଆଳତୀ ଦର୍ଶନର ଯେଉଁମାନେ ସୁଯୋଗ ପାଇଥିବେ ସେମାନେ ଜାଣିଥିବେ ଯେ ନଦୀକୁ ଆମ ପୂର୍ବଜମାନେ କେତେ ସମ୍ମାନର ସ୍ଥାନ ଦେଉଥିଲେ। ନଦୀର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୧୪ ତାରିଖକୁ ଆନ୍ତର୍ଜାତିକ ନଦୀ ସୁରକ୍ଷା ଦିବସ ବା 'ଇଣ୍ଟରନ୍ୟାସନାଲ ଡେ ଅଫ୍ ଆକ୍ସନ୍ ଫର ରିଭର୍‌ସ୍' ଭାବେ ପାଳିତ ହୋଇଥାଏ । ଏହି ଅବସରରେ ବିଭିନ୍ନ ରାଷ୍ଟ୍ରରେ ଶୋଭାଯାତ୍ରା, ସଚେତନତା କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଥାଏ ।



ଶ୍ୟାମସୁନ୍ଦର ସାମଲ

*ବିଡ଼ାନାସୀ ବନ୍ଧଛକ, କଟକ, ଦୂରଭାଷ : ୯୭୭୮୬୩୫୯୨୬*

# ହିନ୍ଦୁଧର୍ମରେ ୭ର ମହତ୍ତ୍ୱ

ହିନ୍ଦୁଧର୍ମ ବିଶ୍ୱାସ ଅନୁଯାୟୀ ୭ ସବୁଠାରୁ ଆଧ୍ୟାତ୍ମିକ ଏବଂ ପବିତ୍ର ସଂଖ୍ୟା। ସଂସ୍କୃତରେ ଏହାକୁ କୁହାଯାଏ ସପ୍ତ। ୭ ସଂଖ୍ୟା ହିନ୍ଦୁ ସନାତନ ଧର୍ମ ଏବଂ ସଂସ୍କୃତିର ଅନେକ ବୈଦିକ ଦର୍ଶନ ଏବଂ ଭାବର ପ୍ରତିନିଧିତ୍ୱ କରେ। ଏହା ସପ୍ତାହର ୭ଦିନ, ଇନ୍ଦ୍ରଧନୁର ସାତ ରଙ୍ଗ, ସଙ୍ଗୀତର ସାତ ସ୍ୱରକୁ ପ୍ରତିନିଧିତ୍ୱ କରେ। ଆସନ୍ତୁ ଦେଖିବା ହିନ୍ଦୁ ଧର୍ମରେ ୭ର ମହତ୍ତ୍ୱ କେଉଁ କେଉଁ ସ୍ଥାନରେ ଅଛ ସପ୍ତପୁରୀ : ସପ୍ତ ପବିତ୍ର ନଗରୀ : ଅଯୋଧ୍ୟା, ମଥୁରା, କାଶୀ, କାଞ୍ଚି, ଅବନ୍ତିକା, ଦ୍ୱାରକା, ମାୟାପୁରୀ ଏହି ସାତଟି ସ୍ଥାନକୁ ହିନ୍ଦୁ ମାନ୍ୟତାରେ ସବୁଠୁ ପବିତ୍ର ସ୍ଥାନ ଭାବରେ ବିବେଚନା କରାଯାଏ । ଏହି ସ୍ଥାନ ସହ ଅନେକ ଧାର୍ମିକ ଏବଂ ଆତ୍ମିକ ସଂଯୋଗ ରହିଛି ।ସପ୍ତଦ୍ୱୀପ : ଜମ୍ବୁ ଦ୍ୱୀପ, ପ୍ଲାକ୍ଷା ଦ୍ୱୀପ, ସଲମଲି ଦ୍ୱୀପ, କୁଶ ଦ୍ୱୀପ, କ୍ରୈଓ ଦ୍ୱୀପ, ସାକ୍ୟ ଦ୍ୱୀପ ଏବଂ ପୁଷ୍କର ଦ୍ୱୀପ। କୌଣସି ଧାର୍ମିକ ଅନୁଷ୍ଠାନ ପାଇଁ ଆମେ ସଂକଳ୍ପ କରିବା ବେଳେ କେଉଁ ଦ୍ୱୀପରେ ରହୁଛୁ ଏହା କହିବାକୁ ହୁଏ ।

ସପ୍ତ ସମୁଦ୍ର ବା ସପ୍ତ ପବିତ୍ର ସାଗର : ଲବଣ ସମୁଦ୍ର, ଲକ୍ଷୁ ସମୁଦ୍ର, ସୁରା ସମୁଦ୍ର, ସାର୍ପି ସମୁଦ୍ର, ଦଧି ସମୁଦ୍ର, କ୍ଷୀର ସମୁଦ୍ର ଏବଂ ଶୁଦ୍ଧୋଦକ ସମୁଦ୍ର। ହିନ୍ଦୁ ପୁରାଣରେ ଏହି ସପ୍ତ ସମୁଦ୍ରର ବର୍ଣ୍ଣନା ରହିଛି।

ସପ୍ତନଦୀ ବା ସପ୍ତ ପବିତ୍ର ନଦୀ : ଗଙ୍ଗା, ଯମୁନା, ସରସ୍ୱତୀ, ଗୋଦାବରୀ, ନର୍ମଦା, ସିନ୍ଧୁ, କାବେରୀ। ହିନ୍ଦୁ ଧର୍ମରେ ଏହି ୭ଟି ନଦୀକୁ ପବିତ୍ର ନଦୀ ଭାବରେ ସ୍ୱୀକାର କରାଯାଇଛି । ତେଣୁ ସ୍ନାନ କରେ ଜଳତର୍ପଣ ସମୟରେ ଏହି ୭ନଦୀର ନାମ ନିଆଯାଏ ।ସପ୍ତଲୋକ ବା ସପ୍ତ ପବିତ୍ର ଦୁନିଆ : ସମଗ୍ର ବ୍ରହ୍ମାଣ୍ଡରେ ୧୪ଟି ଭୁବନ ଅଛି। ପୃଥିବୀ ଉପରେ ଅଛି ୬ଟି ଏବଂ ପୃଥିବୀ ତଳେ ଅଛି ୭ଟି। ପୃଥିବୀ ସମେତ ଏହି ୬ଟି ଭୁବନକୁ କୁହାଯାଏ ଉର୍ଦ୍ଧ୍ୱ ଲୋକ। ଏଗୁଡ଼ିକ ହେଉଛି ଭୂଲୋକ, ଭୂର୍ବଲୋକ, ସ୍ୱର୍ଲୋକ, ମହାର୍ଲୋକ, ଜନଲୋକ, ତପୋଲୋକ, ସତ୍ୟଲୋକ। ପୃଥିବୀ ତଳେ ଥିବା ୭ଟି ଭୁବନକୁ କୁହାଯାଏ ଅଧୋଲୋକ। ଏଗୁଡ଼ିକ ହେଉଛି - ଅତଳ ବିତଳ, ସୁତଳ, ରସାତଳ, ତାଳତଳ, ମହାତଳ, ପାତାଳ।

ସପ୍ତ ରଷି ବା ସପ୍ତ ମହାନ୍ ରଷି ଗୋଷ୍ଠୀ : ବିଶ୍ୱାସ କରାଯାଏ ଏହି ସପ୍ତ ରଷି ବେଦର ଜ୍ଞାନକୁ ସାଧାରଣ ମଣିଷର ବ୍ୟବହାର ଏବଂ ବିଶ୍ୱାସ ଉପଯୋଗୀ କରାଇଥିଲେ। ପ୍ରତ୍ୟେକ ସପ୍ତରଷି ଗୋଟିଏ ମାନବାନ୍ତର ଅବଧି ପର୍ଯ୍ୟନ୍ତ ବ୍ରହ୍ମାଣ୍ଡରେ ରୁହନ୍ତି। ଗୋଟିଏ ମାନବାନ୍ତରର ଅବଧି ୭୧ ମହାଯୁଗ। ଅର୍ଥାତ୍ ୭୧ ଢ ୪୩୨୦୦୦୦ ବର୍ଷ। ବର୍ତ୍ତମାନ ଯେଉଁ ମାନବାନ୍ତର ବା ସପ୍ତର୍ଷି ମଣ୍ଡଳ ଆକାଶରେ ଆମେ ଦେଖୁଛୁ ସେମାନଙ୍କୁ କୁହାଯାଏ ସ୍ୱୟଂଭୂବ ମାନବାନ୍ତର। ଏମାନେ ହେଉଛନ୍ତି ମରିଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ ଏବଂ ବଶିଷ୍ଠି। ଏମାନଙ୍କୁ ବ୍ରହ୍ମାଙ୍କ ମାନସ ପୁତ୍ର ବୋଲି କୁହାଯାଏ। ବର୍ତ୍ତମାନ ମହାଯୁଗ ଯେଉଁ ସପ୍ତର୍ଷିଙ୍କ ପାଇଁ ଉଦ୍ଦିଷ୍ଟ ସେମାନେ ହେଉଛନ୍ତି ବୈବଶ୍ୱତ ମାନବାନ୍ତର। ଏହି ସପ୍ତରଷି ହେଉଛନ୍ତି, ଅତ୍ରି, ବଶିଷ୍ଟ, କାଶ୍ୟପ, ଗୌତମ, ଭଗଦ୍ୱାଜ, ବିଶ୍ୱାମିତ୍ର ଏବଂ ଯମଦଗ୍ନି।

ସପ୍ତ ଚିରଞ୍ଜୀବୀ : ଅଶ୍ୱତ୍ଥାମା, ବଳୀ, ବ୍ୟାସ, ହନୁମାନ, ବିଭୀଷଣ, କୃପାଚାର୍ଯ୍ୟ, ପର୍ଶୁରାମ ଏମାନେ ହେଉଛି ସପ୍ତ ଚିରଞ୍ଜୀବି। ଏମାନେ ଏହି ମହାଯୁଗ ଶେଷ ପର୍ଯ୍ୟନ୍ତ ଜୀବିତ ରହିବେ। କୁରୁ - ପାଣ୍ଡବଙ୍କ ଯୁଦ୍ଧଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ଅଶ୍ୱତ୍ଥାମା, ଭକ୍ତ ପ୍ରହ୍ଲାଦଙ୍କ ନାତି ତଥା ବିରୋଚନଙ୍କ ପୁତ୍ର ଦୈତ୍ୟରାଜ ବଳୀ, ବେଦବ୍ୟାସ, ପବନପୁତ୍ର ହନୁମାନ,ଋଷି ଯମଦଗ୍ନିଙ୍କ ପୁଅ ତଥା ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମ, ରାବଣର ଭାଇ ବିଭୀଷଣ, ଭରତବଂଶର କୁଳଗୁରୁ କୃପାଚାର୍ଯ୍ୟ ଆଦି ପୁରାଣ ବର୍ଣ୍ଣିତ ଚିରଞ୍ଜିବୀ। କିନ୍ତୁ ଚିରଞ୍ଜିବୀର ଅର୍ଥ ଅମର ନୁହେଁ।

ସପ୍ତଧାତୁ : ଶରୀରର ବିକାଶ ଓ ପୋଷଣ ପାଇଁ ଜରୁରୀ ଜୈବିକ ତତ୍ତ୍ୱକୁ କୁହାଯାଏ ଧାତୁ। ଆୟୁର୍ବେଦ ଅନୁଯାୟୀ ଏଗୁଡ଼ିକ ହେଉଛି ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର। ଧାତବ ଅର୍ଥରେ ସପ୍ତ ଧାତୁ ହେଉ ସବୁର୍ଣ୍ଣ, ରଜତ, କାଂସ୍ୟ, ତାମ୍ର, ସୀସା, ଭଙ୍ଗା (ଟିଣ) ଓ ଲୁହା।

ସପ୍ତପଦି : ସନାତନ ଭାରତୀୟ ସଂସ୍କୃତିର ବିବାହରେ ସପ୍ତପଦି ଏକ ରୀତି। ଏହି ବିଧାନରେ ବର ଓ ବଧୂ ଏକତ୍ର ସାତଟି ପ୍ରତିଜ୍ଞା ସହ ସାତପାଦ ଚାଲନ୍ତି। ଏହିଠାରୁ ହିଁ ବିବାହର ରୀତି ସମ୍ପୂର୍ଣ୍ଣ ହୁଏ। ଏହାର ଅର୍ଥ ସେମାନେ ଜୀବନସାଥୀ ଭାବରେ ସାରା ଜୀବନ ଏକାଠି ଚାଲିବେ।

ସପ୍ତସତି : ଦେବୀ ଦୁର୍ଗାଙ୍କର ସ୍ତୁତି କରାଯାଇଥିବା ୭୦୦ ଶ୍ଳୋକର ସମାହାରକୁ କୁହାଯାଏ ସପ୍ତସତି, ଚଣ୍ଡ ସପ୍ତସତି ବା ଦୁର୍ଗା ସପ୍ତସତି।

ସପ୍ତ ମାତୃକା : ଦୁର୍ଗାଙ୍କର ୭ଟି ରୂପକୁ କୁହାଯାଏ ସପ୍ତମାତୃକା। ଏହି ସପ୍ତମାତୃକା ହିନ୍ଦୁ ଦର୍ଶନର ମୁଖ୍ୟ ଦେବତାମାନଙ୍କ ଦିବ୍ୟଶକ୍ତି ରୂପିଣୀ। ଏହି ସପ୍ତମାତୃକା ହେଉଛନ୍ତି - ବ୍ରହ୍ମଣୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ ଓ ଚାମୁଣ୍ଡି।

ସପ୍ତମୁଖୀ ରୁଦ୍ରାକ୍ଷ : ରୁଦ୍ରାକ୍ଷ ଦର୍ଶନ ଅନୁଯାୟୀ ସପ୍ତମୁଖୀ ରୁଦ୍ରାକ୍ଷ ଧନର ଦେବୀ ମା' ଲକ୍ଷ୍ମୀଙ୍କର ପ୍ରତିନିଧି। ଯେଉଁମାନେ ଏହି ରୁଦ୍ରାକ୍ଷ ପିନ୍ଧନ୍ତି ସେମାନଙ୍କର ଶାରୀରିକ, ମାନସିକ ଏବଂ ଆର୍ଥିକ ସମସ୍ୟା ଦୂର ହୋଇଯାଏ। ଏହାକୁ ଅଷ୍ଟମୁଖୀ ରୁଦ୍ରାକ୍ଷ ସହ ପିନ୍ଧିଲେ ଧାରକକୁ ଅଶେଷ ସୁଖ ଶାନ୍ତି ପ୍ରାପ୍ତ ହୁଏ।

ସପ୍ତମୀର ଉତ୍ସବ : ମାଘମାସର ଶୁକ୍ଳପକ୍ଷ ସପ୍ତମୀକୁ କୁହାଯାଏ ରଥ ସପ୍ତମୀ ବା ସୂର୍ଯ୍ୟଜୟନ୍ତୀ। ଏହା ସୂର୍ଯ୍ୟଦେବତାଙ୍କ ପୂଜାର ଦିନ। ବିଶ୍ୱାସ କରାଯାଏ ଏହିଦିନ ସୂର୍ଯ୍ୟଦେବତା ୭ଟି ଘୋଡା ଟାଣୁଥିବା ରଥରେ ବସି ଉତ୍ତରରୁ ପୂର୍ବ ଦିଗରେ ଗତି କରନ୍ତି। ଏହିଠାରୁ ବସନ୍ତ ଋତୁ ଆରମ୍ଭ ହୁଏ। ସୂର୍ଯ୍ୟଙ୍କ ରଥର ସାତଟି ଘୋଡ଼ା ସପ୍ତାହର ୭ଦିନ ଏବଂ ଆଲୋକର ସାତ ରଙ୍ଗର ପ୍ରତୀକ। ବୈଶାଖ ମାସର ଶୁକ୍ଳପକ୍ଷ ସପ୍ତମୀ ତିଥିରେ ପାଳିତ ହୁଏ ଗଙ୍ଗୋତ୍ପତ୍ତି ଉତ୍ସବ। ବିଶ୍ୱାସ କରାଯାଏ ଏହି ଦିଗ ଗଙ୍ଗା ଋଷି ଜାହ୍ନୁଙ୍କ କାନରୁ ବାହାରକୁ ବାହାରି ଆସିଥିଲେ। ସେବେଠାରୁ ତାଙ୍କ ନାଁ ହୋଇଥିଲା ଜାହ୍ନବୀ।

ସପ୍ତାନ୍ନ : ପିତୃ ଶ୍ରାଦ୍ଧ ସମୟରେ ସପ୍ତାନ୍ନ ଦାନ କରିବାର ନୀତି ରହିଛି। ଏହି ସପ୍ତାନ୍ନ ହେଉଛି ବିଶ୍ୱଦେବ ହୋମ, ବିପ୍ରଭୋଜନ, ପିଣ୍ଡଦାନ, ତିଳତର୍ପଣ, ଉଚ୍ଛିଷ୍ଟ ପିଣ୍ଡ, ଭୂରୀଭୋଜନ ଓ ଭୂରୀ ଦକ୍ଷିଣା।

ସପ୍ତ ବ୍ୟସନ : ହିନ୍ଦୁଧର୍ମ ଅନୁଯାୟୀ ୭ଟି ବ୍ୟସନକୁ ପାପ ବୋଲି କୁହାଯାଇଛି। ଏଗୁଡ଼ିକ ହେଉଛି ସ୍ତ୍ରୀ ବ୍ୟସନ, କୁଆ, ଶିକାର, ମଦ୍ୟପାନ, ରୁକ୍ଷବଚନ, ଉଗ୍ରଦଣ୍ଡ ଏବଂ ବଦ୍‌ଖର୍ଚ୍ଚ।

ସପ୍ତଗିରି : ହିନ୍ଦୁ ବିଶ୍ୱାସ ଅନୁଯାୟୀ ୭ଟି ପର୍ବତକୁ ସବୁଠାରୁ ପବିତ୍ର ବୋଲି ଗ୍ରହଣ କରାଯାଏ। ଏହି ୭ଟି ପର୍ବତ ଭଗବାନ ଭେଙ୍କଟେଶ୍ୱରଙ୍କର ବାସସ୍ଥାନ। ୭ଟି ପାହାଡ଼ର ସମାହାର ତିରୁପତି ତିରୁମଲା କ୍ଷେତ୍ର। ଏହି ସାତଟି ପାହାଡ଼ ହେଉଛି ଶେଷାଦ୍ରି, ଗରୁଡ଼ାଦ୍ରି, ଭେଙ୍କଟାଚଳ, ନାରାୟଣାଚଳ, ବୃଷଭାଚଳ, ଅଞ୍ଜନାଚଳ, ବୃଷାଚଳ। ସହସ୍ର 'ଣା ବିଶିଷ୍ଟ ଦିବ୍ୟନାଗ, ଶେଷନାଗଙ୍କ ଆବାସସ୍ଥଳ ହେଉଛି ଶେଷାଦ୍ରି। ପକ୍ଷୀରାଜ ଗରୁଡ଼ଙ୍କ ନାମ ଅନୁଯାୟୀ ଗରୁଡ଼ାଦ୍ରୀ, ପାପ ବିମୋଚନ ପାଇଁ ଭେଙ୍କଟେଶ୍ୱରଙ୍କ ଭକ୍ତ ନାରାୟଣଙ୍କ ନାମ ଅନୁଯାୟୀ ନାରାୟଣାଚଳ ଆଦି ହୋଇଛି। ସେମିତି ଭଗବାନ ଭେଙ୍କଟେଶ୍ୱରଙ୍କ ହାତରେ ପ୍ରାଣ ହରାଇଥିବା ରାକ୍ଷାସ ବୃଷଭାସୁର ଅନୁଯାୟୀ ହୋଇଛି ବୃଷଭାଚଳ, ଭଗବାନ ହନୁମାନଙ୍କ ମା'ଅଞ୍ଜନା ଦେବୀଙ୍କ ନାମ ଅନୁଯାୟୀ ହୋଇଛି ଅଞ୍ଜନାଚଳ ଏବଂ ଧର୍ମରାଜ ଯମଙ୍କ ଅନୁଯାୟୀ ହୋଇଛି ବୃଷାଚଳ। ଏହି ସାତଟି ପାହାଡ଼ରେ ଉପରୋକ୍ତ ଦେବତାମାନଙ୍କର ପୂଜା କରାଯାଏ। ସାମୁଦ୍ରିକ ଭାବରେ ଏହାକୁ କୁହାଯାଏ ତିରୁପତି ତିରୁମାଲା ଦେବସ୍ଥାନମ୍ ବା ସପ୍ତଗିରି।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ହିନ୍ଦୁ ପଞ୍ଜାଙ୍ଗରେ ୭ : ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ସପ୍ତାହର ସପ୍ତମ ଦିନ ଶନିବାର। ଏହି ଦିନର ଅଧିପତି ଶନି। ପ୍ରତ୍ୟକ ପକ୍ଷର ସପ୍ତମ ଦିନକୁ କୁହାଯାଏ ସପ୍ତମୀ। ଏହାର ଅଧିଶ୍ୱର ସୂର୍ଯ୍ୟ ଦେବତା। ସପ୍ତମୀ ଏକ ଶୁଭ ତିଥି। ଏହାକୁ କୁହାଯାଏ ଭଦ୍ରାତିଥି। ସପ୍ତମୀ ତିଥିରେ ରବିବାର ପଡ଼ିଲେ ଏହାକୁ କୁହାଯାଏ ଭାନୁ ସପ୍ତମୀ। ଭାଦ୍ରବ, ମାର୍ଗଶୀର, ପୌଷ, ମାଘ ଏବଂ 'ାଲଗୁନ୍ ମାସର କୃଷ୍ଣପକ୍ଷ ସପ୍ତମୀକୁ କୁହାଯାଏ ପୂର୍ବେଦ୍ୟୁ ସପ୍ତମୀ। ଏହିଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସନାବତି ଶ୍ରାଦ୍ଧ ପଦ୍ଧତିରେ ତିଳତର୍ପଣ କରାଯାଏ

ହିନ୍ଦୁ ଜ୍ୟୋତିଷ ବିଦ୍ୟାରେ ୭ : ହିନ୍ଦୁ ଜ୍ୟୋତିଷଶାସ୍ତ୍ରୀ ଅନୁଯାୟୀ ସପ୍ତମ ଘର ବା ସପ୍ତମ ଭାବ ପ୍ରତ୍ୟେକ ବ୍ୟକ୍ତିର ଜୀବନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏହି ସ୍ଥାନ ବୈବାହିକ ଜୀବନକୁ ଦର୍ଶାଏ। ରାଶିଚକ୍ରର ସପ୍ତମ ସ୍ଥାନରେ ଅଛି ତୁଳା। ଏହାର ଅଧିପତି ମିଥୁନ। ଆମ ସୌର ପ୍ରଣାଳୀରେ ୭ଟି ଗ୍ରହ ଅଛି। ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ଶୁକ୍ର, ବୃହସ୍ପତି ଏବଂ ଶନି। ରାହୁ ଏବଂ କେତୁ ଛାୟାଗ୍ରହ। ସୂର୍ଯ୍ୟ ଏକ ନକ୍ଷତ୍ର ଏବଂ ଚନ୍ଦ୍ର ଉପଗ୍ରହ ହୋଇଥିଲେ ବି ହିନ୍ଦୁ ଜ୍ୟୋତିଷ ଶାସ୍ତ୍ରରେ ଏମାନଙ୍କୁ ଗ୍ରହ ଭାବରେ ବିବେଚନା କରାଯାଏ ।ନ୍ୟୁମୋରୋଲୋଜିରେ ୭ : ଅଙ୍କ ଜ୍ୟୋତିଷ ବିଜ୍ଞାନ ଅନୁଯାୟୀ ୭ ସଂଖ୍ୟାର ଅଧିଶ୍ୱର କେତୁ। ଯେଉଁମାନଙ୍କର ଜନ୍ମ ସଂଖ୍ୟା ୭ ସେମାନେ ସହୃଦୟ ପ୍ରକୃତିର ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତି। ଧର୍ମ ପ୍ରତି ସେମାନଙ୍କର ଆଗ୍ରହ ଥାଏ। ସେମାନେ ଭାବପ୍ରବଣ, ମୁକ୍ତ ବିଚାର ପ୍ରବପଣ, ସନ୍ଦେହି, ସମାଲୋଚକ, ବଦ୍‌ଖର୍ଚ୍ଚି ଏବଂ ନିଜ ଗତିବିଧିରେ ସ୍ୱାଧୀନ। ସେମାନେ ଖୁବ୍‌ଶୀଘ୍ର ଅନାବଶ୍ୟକ ସମ୍ପର୍କରେ ବାନ୍ଧି ହୋଇପଡ଼ନ୍ତି। ମୁଖ୍ୟତଃ ବିଜ୍ଞାନ, ଜ୍ଞାନକୌଶଳ, ଅତିଭୌତିକ ବିଜ୍ଞାନ, ଦର୍ଶନ, ଧର୍ମ, ପର୍ଯ୍ୟଟନ, ଏବଂ କଳାକ୍ଷେତ୍ରରେ ନିଜର ଉତ୍କୃଷ୍ଟତା ପ୍ରତିପାଦନ କରିପାରନ୍ତି। ସେମାନଙ୍କ ଜୀବନରେ ସବୁବେଳେ ଅନିଶ୍ଚିତତା ଏବଂ ପରିବର୍ତ୍ତନ ଲାଗିରହିଥାଏ।

*ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*




# ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ବଲାଙ୍ଗିର, (ପି.ଏନ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଜରୁରୀକାଳୀନ ଅପରେସନ ସେଂଟର ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ବଲାଙ୍ଗିର ଦ୍ୱାରା ଆୟୋଜିତ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ସତର୍କତା ମୂଳକ ପଦକ୍ଷେପ ସମ୍ପର୍କିତ ଏକ ଜିଲ୍ଲା ସ୍ତରୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ପିଡି, ଡୁଡା ସୁଦର୍ଶନ ସାଏ, ବଲାଙ୍ଗିର ଉପ ଜିଲ୍ଲାପାଳ କୁମାର ନାଗଭୂଷଣ, ପାଟଣାଗଡ ଉପ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ, ଟିଟିଲାଗଡ ଉପ ଜିଲ୍ଲାପାଳ ଦୟାମୟ ପାଢୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ତୋଫାନ ବାଗଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ଓ ପୌର ପରିଷଦ, ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୁଭସ୍ମିତା ମିଶ୍ର ଆଲୋଚ୍ୟ ବିଷୟବସ୍ତୁ ଉପସ୍ଥାପନ କରିଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀ ମାନେ ସଜାଗ ଓ ତତ୍ପର ରହିବା ସହିତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀ ମାନଙ୍କୁ ଏ ସମ୍ପର୍କରେ ସୂଚିତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପାନୀୟ ଜଳର ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟାର ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତର ମୁକାବିଲା ନିମନ୍ତେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ ତଥା ଆନୁସାଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲ ଗୁଡିକରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା କାର୍ଯ୍ୟାଳୟ ସମେତ ଜିଲ୍ଲାର ପ୍ରତ୍ୟେକ ବ୍ଲକ, ତହସିଲ ଓ ସମ୍ପୃକ୍ତ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡିକରେ ମାର୍ଚ୍ଚ ୧୫ ତାରିଖ ଠାରୁ କଂଟ୍ରୋଲ ରୁମ ଖୋଲିବା ସହ ଅଭିଯୋଗ ରେଜିଷ୍ଟରରେ ଅଭିଯୋଗ ଗୁଡିକ ଲିପିବଦ୍ଧ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଅଚଳ ହୋଇଥିବା ନଳକୂପ ତଥା ଅନ୍ୟାନ୍ୟ ଜଳ ଉତ୍ସ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳ ଯୋଗାଣ ଓ ତତ ସଂକ୍ରାନ୍ତୀୟ ସମସ୍ୟା ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବା, ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବା, ଅଂଶୁଘାତ ଜନିତ ମୃତ୍ୟୁର ୨୪ ଘଂଟା ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା, ଜିଲ୍ଲାର ପ୍ରତ୍ୟେକ ପୌରାଂଚଳ, ବିଜ୍ଞାପିତ ଅଂଚଳ ପରିଷଦ, ବ୍ଲକ, ପଂଚାୟତ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଜନଗହଳି ସ୍ଥାନ, ବସଷ୍ଟାଣ୍ଡ ମାନଙ୍କରେ ଜଳଛତ୍ର ଖୋଲିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରମିକ ମାନେ କାର୍ଯ୍ୟ କରୁଥିବା କାର୍ଯ୍ୟସ୍ଥଳୀ ମାନଙ୍କରେ ବିଶ୍ରାମସ୍ଥଳୀ, ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆରଏସ ପ୍ୟାକେଟ ରଖିବାକୁ ନିର୍ଦ୍ଦେଶ ଦିଆଯିବା ସହ ଯାତ୍ରୀବାହି ବସ ଓ ଅନ୍ୟାନ୍ୟ ଯାନବାହାନ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆରଏସ ପ୍ୟାକେଟ ରଖିବାକୁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ଗୋରୁ, ଗାଈ ଇତ୍ୟାଦି ପ୍ରାଣୀ ସମ୍ପଦଙ୍କ ନିମନ୍ତେ ପିଇବା ପାଣିର ବ୍ୟବସ୍ଥା ତଥା ଔଷଧର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବିଶେଷ କରି ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲ ଗୁଡିକ ପାଇଁ ସୁନିଶ୍ଚିତ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବ୍ଲକ ଓ ପଂଚାୟତ ସ୍ତରରେ ପଂଚାୟତିରାଜ ଅନୁଷ୍ଠାନର ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁରୂପ ବୈଠକ ଯଥାଶୀଘ୍ର ଆୟୋଜନ କରିବାକୁ ବିଡିଓ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ଓ ଅଂଶୁଘାତ ସତର୍କତା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ ବୈଠକରେ ଆଲୋଚନା କରାଯାଇଥିଲା ।

## ଗୋପବନ୍ଧୁ ସେବା ପରିଷଦ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ପୁରୀ,(ପି.ଏନ): ୟୁଥ ହଷ୍ଟେଲ ପରିସରରେ ପେଣ୍ଡକଟା ମସଜୀବୀ ସମ୍ପ୍ରଦାୟର ମହିଳାମାନଙ୍କ ଉପସ୍ଥିତିରେ ଗୋପବନ୍ଧୁ ସେବା ପରିଷଦ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ଅନୁଷ୍ଠିତ ହୋଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସମ୍ବନ୍ଧିତ ଶିଶୁ ବିକାଶ ଅଧିକାରୀ ଅଞ୍ଜନା କାନୁନଗୋ, ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଉପଖଣ୍ଡ ଜିଲ୍ଲା ଲୋକସମ୍ପର୍କ ସୂଚନା ଅଧିକାରୀ ରଘୁନାଥ ସେଠୀ, ମିଶନ ଶକ୍ତି ବ୍ଲକ ସଂଯୋଜିକା ଦେବସ୍ମିତା ମହାପାତ୍ର, ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ ପରିଚାଳକ ପ୍ରତିନିଧି ନୀଳମ୍ବର ମହନ୍ତ, କମ୍ୟୁନିଟି ଆକ୍ସନ କୋଲାବର୍ ପ୍ରତିନିଧି ସମ୍ବିତ କୁମାର ନନ୍ଦ, ସମାଜସେବୀ ଅର୍ଣ୍ଣପୂର୍ଣ୍ଣା ଦେବୀ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଥିଲା ଅବହେଳିତ ମହିଳାଙ୍କର ଡିଜିଟାଲ ସାକ୍ଷରତା ଉପରେ ଗୁରୁତ୍ୱ ପ୍ରଦାନ କରିବା ଓ ସରକାରୀ ସ୍ତରରେ ମିଳୁଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ସାମିଲ କରାଇବା ଓ ସେମାନଙ୍କୁ ଆର୍ଥିକ ଓ ସାମାଜିକ ସ୍ତରରେ ସ୍ୱାବଲମ୍ବୀ କରାଇବା । ସମସ୍ତ ପଦାଧିକାରୀ ମାନଙ୍କ ଦ୍ୱାରା ପେଣ୍ଡକଟାରେ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ସମ୍ମାନିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିସ୍ମୟ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଦୀପ ମହାରଣା, ଏଲିନା ମିଶ୍ର, ଡାକ୍ତର ରେଡିସ କୁମାର ପରିଚାଳନା କରିବାସହ ସୁଶ୍ରୀ ସଂଗୀତା ପରିଜା ଧନ୍ୟବାଦ ଅର୍ପଣ କରିଥିଲେ ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତ୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ବଲାଣିରେ ସିଆଇଏସଏଫ ସ୍ଥାପନା ଦିବସ ପାଳିତ

ବଲାଣି,(ପି.ଏନ): କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବଳ(ସିଆଇଏସଏଫ)ର ବଲାଣି ଏକକ ପକ୍ଷରୁ ସ୍ଥାନୀୟ ସିଆଇଏସଏଫ ବାରାକ ପରିସରରେ ୫୪ତମ ସ୍ଥାପନା ଦିବସ ଅତି ଉତ୍ସାହ ଓ ଆଡମ୍ବର ସହକାରେ ପାଳନ ହୋଇଯାଇଛି । ବଲାଣି ୟୁନିଟର ଡେ଼ପୁଟି କମାଣ୍ଡାଂଟ ରୋଶନ ରାଜାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟାନ୍ୟ ଅତିଥି ଭାବେ ବଲାଣି ଖଣିର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ବ୍ୟତୀତ ଟିସ୍କୋ, ଜେଏସଡବ୍ଲ୍ୟୁ ଏବଂ ଆରୟା ଆଦି ଔଦ୍ୟୋଗିକ ଅନୁଷ୍ଠାନର ସୁରକ୍ଷା ଅଧିକାରୀ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭ ରେ ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ସଶସ୍ତ୍ର ସିଆଇଏସଏଫର ଗଠନ ଓ ଦେଶ ପ୍ରତି ଏହାର ଅବଦାନ ପ୍ରତି ଆଲୋକପାତ କରିବା ସହିତ ବଲାଣି ଏକକରେ ଥିବା ସମସ୍ତ ସିଆଇଏସଏଫ ଜବାନଙ୍କୁ ସ୍ଥାପନା ଦିବସ ଅବସରରେ ଅଭିନନ୍ଦନ ଜ୍ଞାପନ କରିଥିଲେ । ଏହି ଅବସରରେ ସିଆଇଏସଏଫ ବଲାଣି ୟୁନିଟ ପକ୍ଷରୁ ପ୍ୟାରେଡ଼ ପ୍ରଦର୍ଶନ କରାଯିବା ସହିତ ବିନା ଅସ୍ତ୍ରରେ ଯୁଦ୍ଧଭୂମିରେ ସାମ୍ନା ସାମ୍ନି ଲଢ଼େଇ କରାଯାଉଥିବା ଯୁଦ୍ଧ କୌଶଳ କ୍ରାଭ ମାଗା ଯୁଦ୍ଧ କୌଶଳ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ କାର୍ଯ୍ୟକ୍ଷେତ୍ରରେ ଭଲ କାର୍ଯ୍ୟ ସମ୍ପାଦନା କରିଥିବା ସିଆଇଏସଏଫ ବଲାଣି ୟୁନିଟର ଯବାନ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତ୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତ୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଥକ୍ତଙ୍କକ୍ଟସ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତ୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

# ସରକାରୀ ବାସଭବନରୁ କନିଷ୍ଠ ଯନ୍ତ୍ରୀଙ୍କ ମୃତ ଦେହ ଉଦ୍ଧାର, ପୋଲିସର ତଦନ୍ତ ଜାରି

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଏକ ସରକାରୀ ବାସଭବନରୁ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମୃତ ଦେହ ଉଦ୍ଧାର ହୋଇଛି । ବନ୍ଦ କୋଠରୀରୁ ଏହି ମୃତ ଦେହ ଉଦ୍ଧାର ହୋଇଥିବାରୁ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ମୃତ କନିଷ୍ଠ ଯନ୍ତ୍ରୀ ହେଲେ ବ୍ରହ୍ମାନନ୍ଦ ପଣ୍ଡା ବୋଲି ଜଣାପଡିଛି । ସେ ଧର୍ମଶାଳା ବ୍ଲକ ବୃନ୍ଦାଦେଇପୁର ପଂଚାୟତ ଦାୟିତ୍ୱରେ ରହିଥିଲେ । ସୂଚନା ମୁତାବକ, ବ୍ରହ୍ମାନନ୍ଦ ତାଙ୍କ ସରକାରୀ ବାସଭବନରେ ଭିତର ପଟୁ କବାଟ କିଳି ଘର ଭିତରେ ରହିଥିଲେ । ତେବେ ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବାହାରକୁ ନ ଆସିବାରୁ ତାଙ୍କ ବାସଭବନ ନିକଟରେ ରହୁଥିବା ସହକର୍ମୀଙ୍କ ମନରେ ସନ୍ଦେହ ହୋଇଥିଲା । ତେବେ ସେ ଘର ନିକଟକୁ ଯାଇ କବାଟ ବାଡେଇ ଥିଲେ । କବାଟ ନ ଖୋଲିବାରୁ ସେ ଧର୍ମଶାଳା ବିଡିଓ ଦେବବ୍ରତ ବଳ ଓ ଅନ୍ୟ କର୍ମଚାରୀଙ୍କୁ ଅବଗତ କରାଇଥିଲେ । ସମସ୍ତେ ଉକ୍ତ ଘରେ ପଂହଚି କବାଟ ଭାଙ୍ଗି ଥିଲେ । ସେଠାରେ ସେ ବନ୍ଦ କୋଠରୀରେ ଚେତାଶୂନ୍ୟ ଅବସ୍ଥାରେ ପଡି ରହିଥିଲେ । ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ହେଲେ ସେତବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ କନିଷ୍ଠ ଯନ୍ତ୍ରୀଙ୍କ ଘର କଟକ ଅଂଚଳର ବୋଲି ଜଣାପଡିଛି । ଧର୍ମଶାଳା ପୁଲିସ ମୃତ ଦେହକୁ ଉଦ୍ଧାର କରି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଛି । ତେବେ ଆଜି ସକାଳେ ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ସମସ୍ତ ବ୍ଲକ କର୍ମଚାରୀ ତାଙ୍କର ଶେଷ ଦର୍ଶନ କରିଥିଲେ ।




# ସାମ୍ବାଦିକଙ୍କୁ ଗିରଫ କରି ରାସ୍ତାରେ ଚଲାଇ ନେବା ଘଟଣା

ଭୁବନ,(ପି.ଏନ): ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ଗ୍ରାମର କର୍ତବ୍ୟରତ ଯୁବ ସାମ୍ବାଦିକ ରବିନ ଦାସଙ୍କୁ ଗିରଫ କରି ମାନବିକ ଅଧିକାର କ୍ଷୁର୍ଣ୍ଣ କରି ରାସ୍ତାରେ ଚଲାଇ ଚଲାଇ ନେବା ଓ ଶତାଧିକ ଲୋକଙ୍କ ସମ୍ମୁଖରେ ଫଟୋ ଉଠାଇବା ଘଟଣାରେ ଭୁବନ ସାମ୍ବାଦିକ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଦୁଇ ଦିନ ଧରି ଥାନା ସମ୍ମୁଖରେ ଗଣଧାରଣା ଦେଇଥିଲା । ଭୁବନ ପୋଲିସର ଏତାଦୃଶ କାର୍ଯ୍ୟକୁ ବିଭିନ୍ନ ମହଲରେ ଦୃଢ ନିନ୍ଦା କରାଯାଇଥିଲା । ଶେଷରେ କାମାକ୍ଷାନଗର ଏସଡିପିଓ ଙ୍କ ନିବେଦନ ଓ ପ୍ରତିଶୃତି ପରେ ଗତକାଲି ରାତିରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା । ସାମ୍ବାଦିକ ରବିନ ଦାସଙ୍କ ନାମରେ ଭୁବନ ଥାନା ଆଇଆଇସି ଆକ୍ରୋଷମୂଳକ ମନୋଭାବ ରଖି ଗତ ତା ୨୦.୦୨.୨୦୨୨ ରିଖ ରେ ଗୋଟିଏ ଦିନରେ ଦୁଇଟି କେଶ୍ ( ନଂ ୪୯/୨୦୨୩ ଓ କେଶ ନଂ ୫୦/ ୨୦୨୩ ) ରୁଜ୍ଜୁ କରିଥିଲେ ଓ ଉଭୟ କେଶରେ ୩ ଏସସି/ଏସଟି ଆକ୍ଟ ଦଫା ଲଗାଇଥିଲେ । ଗତ ତା ୭.୩.୨୦୨୩ ରିଖ ମଙ୍ଗଳବାର ମଧାହ୍ନ ସାଢେ ୧୨ ଘଟିକା ସମୟରେ ସାମ୍ବାଦିକ ରବିନ ଦାସ ଙ୍କୁ ଭୁବନ ଥାନା ଆଇ ଆଇ ସି ସୌଭାଗ୍ୟ କୁମାର ସ୍ୱାଇଁ ନୂଆଭୁବନ ରୁ ଗିରଫ କରି ପରେ ଚଲାଇ ଚଲାଇ କାଳୀବଜାର ଓ ନୂଆବଜାର (ବସଷ୍ଟାଣ୍ଡ ) ରେ ଫଟୋ ଉଠାଇଥିଲେ । ଜଣେ ସାମ୍ବାଦିକଙ୍କୁ ଗିରଫ କରି ରାସ୍ତାରେ ଚଲାଇ ଚଲାଇ ନେବା ଘଟଣାରେ ଭୁବନ ସାମ୍ବାଦିକ ସଂଘ ଗଭୀର ଉଦବେଗ ପ୍ରକାଶ କରିଥିଲା । ସଂଘ ତରଫରୁ ଭୁବନ ଥାନା ସମ୍ମୁଖରେ ସାମ୍ବାଦିକ ସଂଜୟ ନାଏକ, ଦୁଃସାସନ ପୃଷ୍ଟି , ମାତାଜୀ ସାହୁ ଗଣଧାରଣା ଦେଇଥିଲେ । ଗଣଧାରଣାର ଦ୍ୱିତୀୟ ଦିବସରେ ସଂଘ ସଭାପତି ମଧୁପ ରଂଜନ ନନ୍ଦଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତାଙ୍କ ସହିତ ବରିଷ୍ଠ ସାମ୍ବାଦିକ ତଥା ସାପ୍ତାହିକ "ବାର୍ତା" ର ସଂପାଦକ ଅଲେଖ ଚନ୍ଦ୍ର ତ୍ରିପାଠୀ , ପ୍ରେମାନନ୍ଦ ମହାନ୍ତି ,ସଂପାଦକ ସୁଶାନ୍ତ କୁମାର ପୋଥାଳ, ଭାରତୀୟ ସାମ୍ବାଦିକ ସଂଘ, ଓଡିଶା ଶାଖା ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ , ଗଁନ୍ଦିଆ ମିଳିତ ସାମ୍ବାଦିକ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ନାୟକ, ସଂପାଦିକା ପୁଷ୍ପଲତା ସାମଲ , ଗଁନ୍ଦିଆ ଡିଜିଟାଲ ମିଡିଆ ଆସୋସିଏସନ ସଭାପତି ପ୍ରଦୀପ କୁମାର ଦାସ , ସଂପାଦକ ବାଦଲ ମହାନ୍ତି , କାମାକ୍ଷାନଗର ଉପଖଣ୍ଡ ସାମ୍ବାଦିକ ସଂଘ ଉପସଭାପତି ଚିତ ରଂଜନ ଦ୍ୱିବେଦୀ ପ୍ରମୁଖ ୩୦ ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଏକତ୍ରିତ ହୋଇ ଥାନା ସମ୍ମୁଖରେ ଏକ ପ୍ରତିବାଦ ସଭାର ଆୟୋଜନ କରି ସାମ୍ବାଦିକଙ୍କୁ ଗିରଫ କରି ରାସ୍ତାରେ ଚଲାଇ ଚଲାଇ ନେବା ଘଟଣାକୁଦୃଢ ନିନ୍ଦା କରିବା ସହିତ ଏହି ଘଟଣାର ନିରପେକ୍ଷ (କ୍ରାଇମବ୍ରାଂଚ) ତଦନ୍ତ ପାଇଁ ଦାବି କରିଥିଲେ । କାମାକ୍ଷାନଗର ଏସଡିପିଓ ରଂଜନ କୁମାର ଦେ ସଂଧ୍ୟା ୭ ଘଟିକା ସମୟରେ ଆନ୍ଦୋଳନକାରୀ ଙ୍କ ନିକଟରେ ପହଁଚି ଦୀର୍ଘ ସମୟ ବୁଝାଶୁଝା କରି ଘଟଣାର ନିରପେକ୍ଷ ତଦନ୍ତ ସହ ରାସ୍ତାରେ ଚଲାଇବା ଘଟଣାକୁ ସେ ନିଜେ ତଦନ୍ତ କରିବେ ବୋଲି ପ୍ରତିଶୃତି ଦେବାପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ଭୁଷଣ୍ଡପୁର ବାଣ ବିସ୍ଫୋରଣ ଘଟଣା, ମୃତ୍ୟୁ ସଂଖ୍ୟା ୬କୁ ବୃଦ୍ଧି

ଖୋର୍ଦ୍ଧା,(ପି.ଏନ): ଭୁଷଣ୍ଡପୁର ବାଣ ବିସ୍ଫୋରଣ ଘଟଣାରେ ଆଜି ଆଉ ଜଣଙ୍କର ମୃତ୍ୟୁ ଘଟିଛି ।ତେବେ ମୃତକ ହେଲେ ମହେଶ୍ୱର ବେହେରା ।ତେବେ ଉକ୍ତ ଘଟଣାରେ ମୃତ୍ୟୁ ସଂଖ୍ୟା ୬ରେ ପହଁଚିଛି ।ସୂଚନା ଅନୁଯାୟୀ ଗତ ସୋମବାର ଦିନ ଭୁଷଣ୍ଡପୁର ଜେଟି ନିକଟରେ ବାଣ ବିସ୍ଫୋରଣ ଘଟି ୪ଜଣଙ୍କର ମୃତ୍ୟୁ ଘଟିଥିଲା ।ତେବେ ଏହି ଘଟଣାରେ ଆଉ ଜଣକର କଟକରେ ଚିକିତ୍ସା ଧିନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ଆଜି ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ମହେଶ୍ୱରଙ୍କର ମୃତ୍ୟୁ ଘଟିଛି ।

# ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ

ଖୋର୍ଦ୍ଧା,(ପି.ଏନ): ଜିଲ୍ଲା ସଂସ୍କୃତି ଭବନ ପରିସରରେ ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ରଙ୍କ ପୌରୋହିତ୍ୟରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜରେ ମହିଳାମାନେ ସୁଦୃଢ ଥିଲେ, ଅଛନ୍ତି ଏବଂ ପୁରୁଷ ମାନଙ୍କୁ ପରିବାରରେ ଉଚିତ ଶିକ୍ଷା ଦିଆଗଲେ ମହିଳା ମାନେ ସୁରକ୍ଷିତ ରହିବେ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଉତ୍କଳ ପ୍ରସଙ୍ଗ/ଓଡିଶା ରିଭ୍ୟୁର ସମ୍ପାଦକ ଯୋଗ ଦେଇ କହିଥିଲେ ଯେ ପିଲାଙ୍କ ସମସ୍ୟା ତଥା କିଶୋର କିଶୋରୀ ମାନେ କିପରି ଆତ୍ମହତ୍ୟା ପ୍ରବଣ ନହୋଇ ସମାଜରେ ଆଗକୁ ଆଗେଇବେ। ଏପରିକି ପ୍ରଥମେ ନିଜକୁ ଜାଣିବା ଏହିଭଳି ପ୍ରେରଣା ଦାୟୀ ଉପଦେଶ ଦେଇଥିଲେ। ସେହିପରି କର୍ମକ୍ଷେତ୍ରରେ ଯୌନ ନିର ?ୀାତନା କୁ କିପରି ରୋକା ଯାଇପାରିବ ମହିଳାଙ୍କ ପାଇଁ ଥିବା ଆଇନ କିପରି ଲାଗୁ କରାଯାଇପାରିବ ସେ ସମ୍ପର୍କ ରେ ସ୍ନେହାଞ୍ଜଳି ମହାନ୍ତି ଆଲୋକପାତ କରିଥିଲେ। ରାଜ୍ୟ ସରକାର ଙ୍କ ସହଯୋଗ ପାଇଁ ମହିଳା ମାନେ କିପରି ଗ୍ରାମ ସ୍ତରରୁ ଆରମ୍ଭ କରି ବିଶ୍ୱ ସ୍ତର ପର ?ୀନ୍ତ ଆଗକୁ ବଢ଼ି ଚାଲିଛନ୍ତି ସେ ସମ୍ପର୍କ ରେ ଜିଲା ପରିଷଦ ଅଧକ୍ଷା, ଶ୍ରମତି ଗୁମାନ ସିଂ ମତବ୍ୟକ୍ତ କରିଥିଲେ ।ତେବେ ଜିଲ୍ଲାରେ ବାଲ୍ୟ ବିବାହ ନିଷେଧ କ୍ଷେତ୍ର ରେ ଉତମ କାର୍ଯ୍ୟ କରି ଚିଲିକା ବ୍ଲକର ସି. ଡ଼ି. ପି. ଓ. ଅନୁସୂୟା ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା ।ସେହିପରି ୩ ଜଣ ଉତମ ସୁପରଭାଇଜର,୩ଜଣ ଅଙ୍ଗନ ବାଡ଼ି କର୍ମୀ, ୨ ଜଣ କିଶୋରୀ ଚମ୍ପିୟାନ, ଅମ୍ବିକା ବେହେରା, ଭୁବନେଶ୍ୱର, ଏବଂ ଦୀପା ବେହେରା ଚିଲ୍ଲିକା ବ୍ଲକ ଙ୍କୁ ଆର୍ଥିକ ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଶଠତୀରାର ସ୍ୱୟଂସିଦ୍ଧା ମହିଳା ସଞ୍ଜୁଲତା

ହରିଚନ୍ଦନପୁର,(ପି.ଏନ):୨୩ ବର୍ଷ ଧରି ଗୁଞ୍ଜରିତ ହେଉଛି ଠନ୍ ଠନ୍ ଶବ୍ଦ । ଏହା ପାରମ୍ପରିକ ଭାବେ ପୁରୁଷ ପ୍ରଧାନ ଏକ ବୃତି, କିନ୍ତୁ ଦେଖିଲେ ଆଶ୍ଚର ?ୀ ଲାଗେ ଯେ କମାରଶାଳରେ ଯିଏ ଲୁହାରେ ଲୁହାକୁ ପିଟି ବିଭିନ୍ନ ଜିନିଷ ତିଆରି କରୁଛନ୍ତି, ସେ ଜଣେ ମହିଳା । ତାଙ୍କ ନାମ ସଞ୍ଜୁଲତା । ତାଙ୍କ ଘର କେନ୍ଦୁଝର ଜିଲା ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁର ପଞ୍ଚାୟତର ଶଠତୀରା ଗାଁରେ । ସକାଳ ସୂର୍ଯ୍ୟର କଅଁଳିଆ ଖରା ଆଣିଦିଏ ଏକ ଅଭୁଲା ଅନୁଭୂତି । ଗାଁରେ ପାଦଦେଲେ ଶୁଣିବାକୁ ମିଳେ ଠନ୍ ଠନ୍ ଶବ୍ଦ । ଗରମ ଲୁହାରେ ଲୁହାକୁ ଦାନ ବାଡ଼େଇବାର ଶବ୍ଦ । ସଞ୍ଜୁଲତାଙ୍କ ଏଭଳି କଠିନ ପରିଶ୍ରମ ତାଙ୍କ ପାଇଁ ତିଆରି କରିଛି ନୂଆ ଏକ ପରିଚୟ, ସେ ନାରୀ ନୁହଁନ୍ତି, ଏକ ଲୌହମାନବୀ । ଅବଳା ଦୁର୍ବଳା କଥାଟି ଭୂଲ୍ ପ୍ରମାଣିତ କରିଦେଇଛି ଲୁହାପରି କଠିନ ହୋଇ ଯେମିତି ଜୀବନର ସବୁ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଛନ୍ତି ସେ । ସଞ୍ଜୁଲତା ନିଜର ଦୃଢ ଇଚ୍ଛାଶକ୍ତି ଅଦମ୍ୟ ଚେଷ୍ଟା ଓ ଧୈର୍ଯ୍ୟ ବଳରେ ଦୀର୍ଘ ୨୫ ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମ କରି ପାଲଟିଛନ୍ତି ସ୍ୱୟଂସିଦ୍ଧା । ମହିଳାମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ସୁବିଧା ସୁଯୋଗ ଦେଇ ସଶକ୍ତିକରଣ କରୁଥିବା ଡିଣ୍ଡିମ ପିଟୁଛନ୍ତି; କିନ୍ତୁ ସଞ୍ଜୁଲତାଙ୍କ ପାଇଁ ସେସବୁ ସାତସପନ ।

# ମନରେଗା ଅମୃତ ସରୋବର ଯୋଜନାରେ ଲୋକ ବଦଳରେ ମେସିନ କରୁଛି କାର୍ଯ୍ୟ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ତେଲରାଇ ପଂଚାୟତ ରେ ସରକାରୀ ଟଙ୍କା ଚଳୁ କରିବାର ମାଧ୍ୟମ ସାଜିଛି ମନରେଗା ଯୋଜନା !ଅମୃତ ସରୋବର ଯୋଜନା ରେ ତେଲରାଇ ପଂଚାୟତ ସଦର ମହକୁମା ରେ ପୋଖରୀ ଉନ୍ନତି କରଣ କାମ ଚାଲିଛି,ଏଠାରେ ଶ୍ରମିକ ବଦଳରେ ମେସିନ ସାହାଯ୍ୟ ରେ କାର୍ଯ୍ୟ କରାଯାଇ ମନରେଗା ଟଙ୍କା ସରପଂଚ, ଠିକାଦାର ଓ ବିଭାଗୀୟ ଅଧିକାରୀ ମାନେ ଆତ୍ମସାତ କରୁ ଥିବା ଅଭିଯୋଗ ହେଉଛି ! କେନ୍ଦ୍ର ଓ ରାଜ୍ୟ ସରକାର ମନ ରେଗା ଯୋଜନା ଦ୍ୱାରା ବେରୋଜଗାର ଲୋକଙ୍କୁ ରୋଜଗାର ଯୋଗାଉଥିବା ବେଳେ ଏହି ଯୋଜନା ଏବେ ଦୁର୍ନୀତି ଖୋର ଲୋକପ୍ରତିନିଧି, କୁଜି ନେତା, ଯନ୍ତ୍ରୀ ଓ ଠିକାଦାରଙ୍କ ଲାଗି ସାଜିଛି ଟଙ୍କା ଛପା ମେସିନ !ଏହି ଯୋଜନା ରେ କାଲିମେଳା ବ୍ଲକ ରେ ଚାଲିଥିବା ଅଧିକାଂଶ କାର୍ଯ୍ୟରେ ମେସିନ ସାହାଯ୍ୟ ରେ କାମ କରାଯାଇ ଲକ୍ଷା ଧିକ ଟଙ୍କା ବିଲ କରି ଆତ୍ମ ସାତ କରାଯାଉଥିବା ଜଣା ପଡିଛି ! ଏମିତି ସଂଗୀନ ଅଭିଯୋଗ ଆସିଛି ତେଲରାଇ ପଂଚାୟତରୁ, ତେଲରାଇ ପଂଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ପୋଖରୀ କୁ ଚଳିତ ବର୍ଷ ମନେ ରେଗା ଅମୃତ ସରୋବର ଯୋଜନା ରେ ସାମିଲ କରାଯାଇ ପ୍ରାୟ ୧୨ଲକ୍ଷ ରୁ ଉର୍ଦ୍ଧ ଟଙ୍କା ସରକାର ଙ୍କ ପକ୍ଷରୁ ମଞ୍ଜୁର କରାଯାଇ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି ଙ୍କ ପ୍ରତେକ୍ଷ ତତ୍ୱାବଧାନ ରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିୟମ ରହିଛି ! କିନ୍ତୁ ଏଠାରେ ଖୋଦ ସରପଂଚ ଠିକାଦାର ସାଜି କାମ କରୁଥିବା ଦେଖିବାକୁ ମିଳିଛି ! ତେବେ ଏଠି ପ୍ରଶ୍ନ ଉଠୁଛି ଶ୍ରମିକ ମାନଙ୍କୁ ରୋଜଗାର ଦେବା ଲାଗି ଆସୁଥିବା ଯୋଜନା ରେ ମେସିନ ଦ୍ୱାରା କାମ ହେଲା କିପରି ? ରାଜ୍ୟ ଓ କେନ୍ଦ୍ର ସରକାର ଏହି ଯୋଜନା ଦ୍ୱାରା ଲୋକଙ୍କୁ ରୋଜଗାର ଦେଇ ବାହାରକୁ ଦାଦନ ଯିବା ବଦଳରେ ଗ୍ରାମରେ ରୋଜଗାର ପାଇବା ପାଇଁ ପ୍ରୟାସ କରୁଛନ୍ତି, ହେଲେ ସରକାର ଙ୍କ ଏହି ପ୍ରୟାସ କାଲିମେଳା ବ୍ଲକ ରେ ଫେଲ ମାରିଛି !ପ୍ରତିଦିନ ଶହଶହ ସଂଖ୍ୟା ରେ ଶ୍ରମିକ ଦାଦନ ଖଟିବାକୁ ପଡୋଶୀ ଆନ୍ଧ୍ର ଓ ତେଲେଙ୍ଗାନା କୁ ଯାଉଛନ୍ତି !ଏପରି କି ବ୍ଲକ ର ଦାୟିତ୍ୱ ବାନ କର୍ମଚାରୀ, ଜନପ୍ରତିନିଧି ଓ କୁଜିନେତା ମିଳିତ ଭାବେ ପେଚ ପକାଇ ସରକାରୀ ଅର୍ଥକୁ ସତ ଡିମାଣ୍ଡ କରି ହରିଲୁଟ କରୁଥିବା ଅଭିଯୋଗ ହେଉଛି ! ମନେ ରେଗା ଯୋଜନା ଲେବର ଙ୍କୁ କାର୍ଯ୍ୟ ଯୋଗାଇ ବେକାରୀ ସମସ୍ୟା ଦୂର କରିବା ବଦଳରେ ଠିକାଦାର ହାତ କୁ ଟେକିଦେଇ ବ୍ୟତିକ୍ରମ କରୁଥିବା ଜଣାପଡିଛି ! ମନେ ରେଗା ଯୋଜନା ରେ କାଲିମେଳା ବ୍ଲକ ରେ ଚାଲିଥିବା ସମସ୍ତ ଅମୃତ ସରୋବର ପୋଖରୀ କାମର ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣ ରେ ଦାବି ହେଉଛି !

# ପୋଲିସ କାର୍ଯ୍ୟନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ□ାୟତର ନଇବୁଗା ପଂଚାୟତ ରାସ୍ତାକୁ କେତେକ ମୁଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ□ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି । ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା । ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ । ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ। କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୁଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି। ଏହି ରାସ୍ତା ଉପରେ ଚୁଡିସାହି, ମୁଣ୍ଡାସାହି, ସାକ୍ରାଡିହି,ନଇବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ□ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ□ଳ ଅଶାନ୍ତ ହୋଇପଡିଛି। ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ। ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା। ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା। ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି। ସରପ□ଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି। ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ। ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି। ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପ□ ଅଭିଯୋଗ କରିଛନ୍ତି। ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି। ଏଥିସହ ଏହି ଅ□ଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି।

## ଏନପିଏସ ଶିକ୍ଷକ ସଂଘର ପ୍ରତିବାଦ ଜାରି : ଡ୍ରେସ ବର୍ଜନ ସହ କଳା ବ୍ୟାଚ ପରିଧାନ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ରେ କାର୍ଯ୍ୟ ରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସମସ୍ତ ଏନପିଏସ , ଜେଟି, ଜେଟିସି ଶିକ୍ଷକ ଶିକ୍ଷୟତ୍ରୀ ଡ୍ରେସ କୋଡ଼ ବର୍ଜନ ସହିତ କଳା ବ୍ୟାଚ ପରିଧାନ କରି ବିଦ୍ୟାଳୟ ରେ ଶିକ୍ଷା ଦାନ କରୁଛନ୍ତି । ତିନିଟି ଦାବୀ ରାଜ୍ୟ ସରକାର ୩ ମାସ ହେଲା ପୂରଣ କରୁନଥିବା ରୁ ସେମାନେ ପ୍ରତିବାଦ ସ୍ୱରୂପ ଏପରି କରୁଛନ୍ତି ବୋଲି ବ୍ଲକ ଏନପିଏସ ଶିକ୍ଷକ ସଙ୍ଘ କର୍ମକର୍ତା ପ୍ରକାଶ କରିଛନ୍ତି । ଏହି ମର୍ମ ରେ ଆଜି ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଅପରାହ୍ଣରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ରେ ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗଣ ଶିକ୍ଷା ସଚିବ,୫ଟି ସଚିବ ଙ୍କୁ ଦାବୀ ପୂରଣ କରିବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ଶଶୀଭୂଷଣ ମିଶ୍ର ଙ୍କ ଜରୀଆରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ୧୪ ମାର୍ଚ୍ଚ ମଧରେ କୌଣସି ନିଷ୍ପତି ରାଜ୍ୟ ସରକାର ଘୋଷଣା ନକଲେ ୧୫ରୁ ଲୋଏର ପିଏମଜି ଭୁବନେଶ୍ୱର ରେ ଆନ୍ଦୋଳନ କୁ ଓହ୍ଲାଇବୁ । ଉପାନ୍ତ ମାଲକାନଗିରି ଜିଲ୍ଲାର ୭ ଟି ବ୍ଲକ ରୁ ୧୦୦୦ରୁ ଉର୍ଦ୍ଧ ଶିକ୍ଷକ ଯୋଗ ଦେବେ ଓ ମାଥିଲି ବ୍ଲକ ରୁ ଶତାଧିକ ଶିକ୍ଷକ ଯୋଗ ଦେବାକୁ ସ୍ଥିର ହୋଇଛି । ୧୮ ତାରିଖରୁ ସମୂହ ଛୁଟି ରେ ଯିବୁ ବୋଲି ବ୍ଲକ ସଙ୍ଘ କର୍ମକର୍ତା ରତ୍ନାକର ପାଳ, ନରେନ୍ଦ୍ର ନିହାଲ, ମଧୁସୂଦନ ନାୟକ, ସମର୍ଜିତ ସାହୁ, ବିଶ୍ୱନାଥ ରେଡି, ବିରଜା ସଂକ୍ରର ବେହେରା, ରଶ୍ମିରଞ୍ଜନ ଛୋଟରାୟ, ଦେବପ୍ରସଦ ବିଶ୍ୱାଳ, ପ୍ରମୁଖ କହିଛନ୍ତି ।

# ନିର୍ବାଚନ ପାଖେଇ ଆସୁଥିବାରୁ କଞ୍ଚାବାଞ୍ଚି ରାଜନୀତି ହଲଚଲ

ଭୂବନେଶ୍ୱର,(ପି,ଏନ): ଓଡିଶା ରାଜ୍ୟ ରାଜନୀତିରେ କଞ୍ଚାବାଞ୍ଚି ବିଧାନସଭା ନିର୍ବାଚନ ମଣ୍ଡଳୀ ସବୁବେଳେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଆସିଛି । ଏଣୁ ସବୁ ରାଜନୈତିକ ଦଳର ନଜର ଏହି ନିର୍ବାଚନ ମଣ୍ଡଳୀରେ ସବୁବେଳେ ରହିଥାଏ । କିନ୍ତୁ ଆଗାମୀ ୨୦୨୪ମସିହା ନିର୍ବାଚନରେ ଲୋକେ ବିଜେଡିର ବିଧାୟକ ପ୍ରାର୍ଥୀରୂପେ ଏକ ନୂଆ ଚେହେରାର ଅନ୍ୱେଷଣରେ ଥିବାର ଅନୁମାନ କରାଯାଏ, ଯେହେତୁ ଗତ ୨୦୧୯ମସିହା ନିର୍ବାଚନରେ ବିଜେଡି ଧରାଶାୟୀ ହୋଇଥିଲା, ଏଣୁ ଆଗାମୀ ନିର୍ବାଚନରେ ବିଜେଡିର ବିଧାୟକ ପ୍ରାର୍ଥୀରୂପେ ନୂଆ ମୁହଁ ଶ୍ରୀ ହଂସରାଜ ଜୈନ ଯିଏକି ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟ ଥିବା ସହ ପୂର୍ବତନ ବ୍ଲକ ଅଧକ୍ଷ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ଓଡିଶା ବିଜେଡି ରାଜ୍ୟ ସମ୍ପାଦକ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଅନେକ ଲୋକହିତକର କାର୍ଯ୍ୟ କରିଆସୁଛନ୍ତି ଯେପରି ସେ ଅଂଚଳରେ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟର ଉନ୍ନତିକରଣ କରିବା ସହ ଏହାର ସୁବିଧା ଅସୁବିଧା ବୁଝିବା, ବିଦ୍ୟୁତ୍ ଟ୍ରାନ୍ସମିଟର ବସେଇବା, ରାସ୍ତାଘାଟ ଉନ୍ନତିକରଣ ସହ ନୂଆ ରାସ୍ତା ନିର୍ମାଣ କରିବା, ପୋଖରୀ ଏବଂ କେନାଲ ଆଦିର ପୁନରୁଦ୍ଧାର କରିବା, ନଦୀର ଦୁଇପାର୍ଶ୍ୱର ଉନ୍ନତିକରଣ କରିବା, ନାଳ ନର୍ଦ୍ଦମା ପରିଷ୍କାର କରିବା ତଥା ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରିବା, ହାଟର ଉନ୍ନତିକରଣ କରିବା ସହ ଏହାର ରକ୍ଷଣାବେକ୍ଷଣ କରିବା, ଜନସାଧାରଣଙ୍କ ସହ ମିଶି ବିଭିନ୍ନ ପର୍ବପର୍ବାଣୀ ପାଳନ କରିବା ସହ ସେମାନଙ୍କୁ ଯଥୋଚିତ ଆର୍ଥିକ ସାହାଯ୍ୟ କରିବା, ଜଙ୍ଗଲର ସୁରକ୍ଷା କରିବା ସହ



ଗଛ ଲଗାଇ ନୂତନ ଜଙ୍ଗଲ ସୃଷ୍ଟି କରିବା , ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବା, ବ୍ଲକର ଦାୟିତ୍ୱ ସୁଚାରୁରୂପେ ତୁଲାଇବା, ନିର୍ବାଚନ ମଣ୍ଡଳୀର ସମସ୍ତ ଲୋକଙ୍କର ଭଲମନ୍ଦ ଖବର ବୁଝିବା ସହ ତାଙ୍କ ସମସ୍ୟାର ସମାଧାନ କରିବା, ପାନୀୟଜଳ ଯୋଗାଣର ସୁବନ୍ଦୋବସ୍ତ କରିବା, ଜନସାଧାରଣମାନେ କିପରି ସୁବିଧାରେ ଡାକ୍ତରଖାନାରେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ତାହାର ସୁବନ୍ଦୋବସ୍ତ କରିବା, ନିର୍ବାଚନ ମଣ୍ଡଳୀରେ ବସବାସକରୁଥିବା ଲୋକମାନଙ୍କୁ ଆଇନଗତ ସେବା ଯୋଗାଇ ଦେବାରେ ସହଯୋଗ କରିବା ଏବଂ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କ ବିଭିନ୍ନ ବିଭାଗର ଅଫିସରଙ୍କ ସହ ଉତମ ବୁଝାମଣା କରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜନହିତକର କାର୍ଯ୍ୟରେ ସହଯୋଗ କରିବା । ଏଥିସହ ସେ ଶହ ଶହ ଜନହିତକର ସାମାଜିକ ସଙ୍ଗଠନରେ ଜଡିତ ଥିବା ଏକ ବିଶିଷ୍ଟ ବ୍ୟକ୍ତିବିଶେଷ ଅଟନ୍ତି । ତାଙ୍କର ବିଗତ ଦିନକୁ ଲକ୍ଷ୍ୟକଲେ ଆମେ ସମସ୍ତେ ଅନୁମାନ କରିପାରିବା ତାଙ୍କର ରାଜନୈତିକ ପ୍ରତିଭା ବିଷୟରେ । ଶ୍ରୀ ଜୈନ ମହୋଦୟ ନିଜର ରାଜନୈତିକ ଜୀବନ ଆରମ୍ଭ କରନ୍ତି ବିଗତ ୨୬ବର୍ଷ ପୂର୍ବରୁ । ସେ ୧୯୯୭ରୁ ୨୦୦୨ପର୍ଯ୍ୟନ୍ତ ମୁରିବାହାଲ ବ୍ଲକ ଅଧକ୍ଷ, ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ବଲାଙ୍ଗୀର ଜିଲ୍ଲା ଜୋନ୍ ନମ୍ବର ୨୯ର ଜିଲ୍ଲାପରିଷଦ ସଦସ୍ୟ ଏବଂ ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ମୁରିବାହାଲ ବ୍ଲକ୍ ଉପାଧକ୍ଷ(ଅଧକ୍ଷା ତାଙ୍କ ସହଧର୍ମିଣୀ ଶ୍ରୀମତୀ ଲଳିତା ଦେବୀ ଜୈନ । ସେ ପୁଣିଥରେ ୨୦୧୭ରୁ ୨୦୨୨ପର୍ଯ୍ୟନ୍ତ ମୁରିବାହାଲର ବ୍ଲକ ଅଧକ୍ଷ ଥିଲେ । ୨୦୨୨ରୁ ପରିବାରରୁ ତିନିଜଣ ସମିତି ମେମ୍ବର ଅଛନ୍ତି । ଏବେ ସେ ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟ ଅଛନ୍ତି । ଏତଦ୍ ବ୍ୟତୀତ ସେ ଶହ ଶହ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସକ୍ରିୟ କର୍ମକର୍ତା ଭାବେ ଅଧିଷ୍ଠିତ ରହି ବହୁ ଜନହିତକର କାର୍ଯ୍ୟ କରିଛନ୍ତି । ତାଙ୍କର ରାଜନୈତିକ କ୍ୟାରିୟର ଏବଂ ନିର୍ବାଚନ ମଣ୍ଡଳୀ ସ୍ତରରେ ଲୋକ ସମ୍ପର୍କକୁ ଦେଖିଲେ ଯେ କେହି ମଧ ଅନୁପ୍ରାଣୀତ ହେବାରେ ଏଥିରେ ତିଳେ ମାତ୍ର ଅବକାଶ ନାହିଁ । ଅନେକ ବୁଦ୍ଧିଜିବୀ ବହୁ କଳ୍ପନା ଜଳ୍ପନା ଆରମ୍ଭ କରିଦେଲେଣି ଯେ, ଆଗାମୀ ନିର୍ବାଚନରେ ଶ୍ରୀଜୈନ ମହୋଦୟଙ୍କୁ ବିଜେଡି ପ୍ରାର୍ଥୀ କରାଗଲେ ବହୁ ଭୋଟ୍ ବ୍ୟବଧାନରେ ନିଶ୍ଚୟ ବିଜୟୀ ହେବେ । ଏହି କଥା ନିର୍ବାଚନ ମଣ୍ଡଳୀର ସମସ୍ତ ମହଲରେ ମୁଖ୍ୟ ପ୍ରସଙ୍ଗ ହୋଇସାରିଛି । ଏଣୁ ଆଗାମୀ ୨୦୨୪ ନିର୍ବାଚନରେ ତାଙ୍କୁ ବିଜେଡିର ବିଧାୟକ ପ୍ରାର୍ଥୀ କରାଗଲେ ସେ ଏକ ତରଫା ଭାବେ ବିଜୟୀ ହେବେ ବୋଲି ସମ୍ପୂର୍ଣ୍ଣ ଆଶା କରାଯାଇପାରେ ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Tuesday March 14, 2023 ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୧୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଜେଏସଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ମହିଳାମାନଙ୍କୁ ସମ୍ବର୍ଦ୍ଧନା



ପାରାଦୀପ,(ପି.ଏନ): ଜେଏସଡବ୍ଲ୍ୟୁ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ମଧୁବନସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । କମ୍ପାନୀର ବରିଷ୍ଠ ଅଧିକାରୀମାନେ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ତଥା ଦେଶରେ ମହିଳାମାନେ ନିଜର ଯୋଗ୍ୟତା ଓ ଅଭିଜ୍ଞତାକୁ ଭିତ୍ତିକରି ନିଜର କାର୍ଯ୍ୟ ନିଷ୍ଠାପର ଭାବେ କରି ଚାଲିଛନ୍ତି । ଜେଏସଡବ୍ଲ୍ୟୁ କାର୍ଯ୍ୟାଳୟରେ ସ୍ଥାନୀୟ ମହିଳାମାନେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ପରିବାର ପ୍ରତିପୋଷଣ କରୁଛନ୍ତି । ଏହି ସପ୍ତାହ ପାଳନ ଅବସରରେ ଜେଏସଡବ୍ଲ୍ୟୁ କାର୍ଯ୍ୟାଳୟରେ ମହିଳା କର୍ମଚାରୀମାନେ କେକ୍ କାଟି ଉତ୍ସବକୁ ପାଳନ କରିଥିଲେ । ମହିଳାମାନଙ୍କ ନିମନ୍ତେ ପାରାଦୀପ ସମୁଦ୍ର ବେଳାଭୂମିରେ ଏକ ବସ୍‌ରେ ଶୌଚାଳୟ ବ୍ୟବସ୍ଥା କରାଯାଉଛି । ଖଣି ଅଂଚଳରେ ଓ ପ୍ରସ୍ତାବିତ ପ୍ରକଳ୍ପ ଅଂଚଳରେ ମହିଳାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ଆନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ଅବସରରେ ମହିଳା କର୍ମଚାରୀମାନଙ୍କୁ ସମ୍ମାନୀତ କରାଯାଇଥିବାରୁ କହିଳା କର୍ମଚାରୀ ଅନୁରୁପା ପଟ୍ଟନାୟକଙ୍କ ସମେତ ଅନ୍ୟ ମହିଳାମାନେ କୃତଜ୍ଞତା ଜଣାଇଛନ୍ତି ।

## ଆନନ୍ଦପୁର ଉପଜିଲ୍ଲାପାଳଙ୍କ ପରୀକ୍ଷା କେନ୍ଦ୍ର ଚଢାଉ

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ଉପଖଣ୍ଡରେ ମାଧ୍ୟମିକ ଶିକ୍ଷା ପକ୍ଷରୁ ମାଟ୍ରିକ୍ ପରୀକ୍ଷା ଚାଲୁଥିବା ବେଳେ ପୌରପରିଷଦର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଚାଲୁଥିବା ବେଳେ ନିକଟସ୍ଥ ଜେରକ୍ସ ଦୋକାନରେ ପ୍ରଶ୍ନପତ୍ର ଲିକ୍ ହୋଇ ବାହାରେ ମାଇକ୍ରୋ ଜେରକ୍ସ କରାଯାଉଥିବା ବେଳେ ଆନନ୍ଦପୁର ଉପଜିଲ୍ଲାପାଳ ବିଶେଷ ସୂତ୍ରରୁ ଖବର ପାଇ ପରୀକ୍ଷା କେନ୍ଦ୍ର ଗୁଡିକୁ ପରିଦର୍ଶନ କରିଥିବା ବେଳେ ନିକଟରେ ଥିବା ଜେରକ୍ସ ଦୋକାନ ଗୁଡିକୁ ଚଢାଉ କରି ମାଇକ୍ରୋ ଜେରକ୍ସକୁ ବନ୍ଦ କରିବା ସହିତ ଆସନ୍ତା କାଲି ଠାରୁ ପରୀକ୍ଷା କେନ୍ଦ୍ରର ୨ କିଲୋମିଟର ପରଧି ମଧ୍ୟରେ ସମସ୍ତ ଜେରକ୍ସ ଦୋକାନ ପରୀକ୍ଷା ସରିବା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ୨୫ରେ ଓକିଲ ସଂଘ ନିର୍ବାଚନ, ଆରମ୍ଭ ହେଲା ପ୍ରଚାର ଅଭିଯାନ

ଆନନ୍ଦପୁର,(ପି.ଏନ):ସମଗ୍ର ରାଜ୍ୟରେ ଓକିଲ ସଂଘ ନିର୍ବାଚନ ଗୋଟିଏ ଦିନରେ ଅନୁଷ୍ଠିତ ହେଉଥିବା ବେଳେ ଆନନ୍ଦପୁର ଓକିଲ ସଂଘର ନିର୍ବାଚନ ମାର୍ଚ୍ଚ ୨୫ତାରିଖରେ ଅନୁଷ୍ଠିତ ହେବ । ଏ ନେଇ ନିର୍ବାଚନ ବାତାବରଣ ଉଷ୍ମ ରହିଥିବା ବେଳେ ରବିବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଦିବସ ରହିଥିଲା । ନିଜ ନିଜ ପ୍ରାର୍ଥୀଙ୍କ ଜିତାପଟକୁ ନେଇ ସମର୍ଥକ ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ସୂଚନା ମିଳିଛି । ସଭାପତି ପ୍ରାର୍ଥୀ ଭାବେ ଦୟାନିଧି ଦାଶ, ଆଶୁତୋଷ ଦାସ ଓ କୁଳମଣୀ ସେଠୀ ପ୍ରତିଦ୍ୱନ୍ଦୀ ରହିଥିବା ବେଳେ ସଭାପତି ପ୍ରାର୍ଥୀ ପଦବୀରୁ ଭାଗିରଥି ଦାଶ, ସଚିଦାନନ୍ଦ ପଟ୍ଟନାୟକ ପ୍ରତିଦ୍ୱନ୍ଦିତାରୁ ଓହରି ଯାଇଛନ୍ତି ଏବଂ ସୁରଥ କୁମାର ବେହେରାଙ୍କ ବିଭିନ୍ନ ପ୍ରମାଣପତ୍ର ଦାଖଲ ହୋଇପାରିନଥିବାରୁ ପ୍ରାର୍ଥୀପତ୍ର ନାକଚ ହୋଇଥିଲା । ଉପସଭାପତି ପ୍ରାର୍ଥୀ ଭାବେ ଆଶୁତୋଷ ଦାସ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବାରୁ ରମେଶ ଚନ୍ଦ୍ର ବାରିକ୍ ଅପ୍ରତିଦ୍ୱନ୍ଦୀ ଭାବେ ଉପସଭାପତି ପଦ ହାସଲ କରିନେଇଛନ୍ତି । ସମ୍ପାଦକ ପ୍ରାର୍ଥୀ ଭାବେ ଚଳିତ ଥରର ସମ୍ପାଦକ ଥିବା ହେମନ୍ତ କୁମାର ମଲ୍ଲି ଓ ଭଗବାନ ମଲ୍ଲିକଙ୍କ ମଧ୍ୟରେ ପ୍ରମୁଖ ପ୍ରତିଦ୍ୱନ୍ଦି ହେବାକୁ ରହିଛି । କୋଷାଧ୍ୟକ୍ଷ ପଦବୀରେ ଅଶୋକ କୁମାର ରାଉଳ ଓ ଆଲୋକ କୁମାର ରାଉତଙ୍କ ମଧ୍ୟରେ ମୁକାବିଲା ପରିସ୍ଥିତି ସୃଷ୍ଟି ହୋଇଛି । ଯୁଗ୍ମ ସମ୍ପାଦକ ପଦବୀ ପାଇଁ ତ୍ରିଲୋଚନ ତ୍ରିପାଠୀ ଓ କାର୍ଯ୍ୟକାରୀ ସଦସ୍ୟ ପଦବୀରେ କୁମର ସିଂ ମହାନ୍ତି ଏବଂ କହ୍ନେଇ ଚରଣ ସାହୁ ଅପ୍ରତିଦ୍ୱନ୍ଦୀ ହୋଇଥିବା ବେଳେ ଅନ୍ୟ ଗୋଟିଏ କାର୍ଯ୍ୟକାରୀ ସଦସ୍ୟ ଶୁନ୍ୟ ହୋଇଛି । ସମସ୍ତ ସଦସ୍ୟ ମାନଙ୍କର ସଭାପତି ପଦବୀ ଉପରେ ନଜର ରହିଥିବା ବେଳେ ଏଥର ନିର୍ବାଚନ ପ୍ରତିଦ୍ୱନ୍ଦିତା ମୂଳକ ହେବ ବୋଲି ଜଣାପଡିଛି । ବରିଷ୍ଠ ଆଇନଜୀବୀ ତଥା ନୋଟାରୀ ଅଧିକାରୀ ରାମଚନ୍ଦ୍ର ପାତ୍ର ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରୁଛନ୍ତି ।

## ଭୁବନେଶ୍ୱର ବସ୍ତିବାସିନ୍ଦାଙ୍କ ପାଇଁ ଜାଗା ମିଶନରେ ହିତାଧିକାରୀଙ୍କ ତ୍ରୁଟିପୂର୍ଣ୍ଣ ତାଲିକା ବିରୋଧରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମହାନଗର କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରାଗଲା



ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଜାଗାମିଶନର ହିତାଧିକାରୀଙ୍କ ତାଲିକା ଗତ ୬ ତାରିଖରୁ କମିଶନରଙ୍କ ସ୍ୱାକ୍ଷର କରିଥିଲେ ମଧ୍ୟ ତାହା ସର୍ବସାଧାରଣଙ୍କୁ ଜଣାଇବାପାଇଁ ୧୧ ତାରିଖ ଶନିବାର ଅପରାହ୍ନରେ ବସ୍ତିର ବିଭିନ୍ନ କାନ୍ଥରେ ତାଲିକା ଲଗାଯାଇଥିଲା । ସର୍ବସାଧାରଣଙ୍କ ଅଭିଯୋଗ କରିବାର ଶେଷ ତାରିଖ ୧୩ ତାରିଖ ସୋମବାର ବୋଲି ତାଲିକାରେ ଲିଖିତ ଅଛି । ବିଏମସି ଓ ସରକାରୀ ଦଳର କର୍ପୋରେଟର ମାନେ ଏଭଳି ଚ୍ରକାନ୍ତ କରି ଜନସାଧାରଣଙ୍କୁ ଅଭିଯୋଗ କରିବାକୁ ସମୟ ଦେଲେନି । ଅର୍ଥାତ ୧୧ ତାରିଖ ଦିନ ଅପରାହ୍ନରେ ଜାଣିଲେ, ୧୨ ତାରିଖ ରବିବାର ଛୁଟି ଦିବସ, ୧୩ ତାରିଖ ଅଭିଯୋଗ କରିବାର ଶେଷ ତାରିଖ ଏଣୁ ଜନସାଧାରଣ ଅଭିଯୋଗ କରିବାରେ ବଂଚିତ ହେବେ । ଦୀର୍ଘ ୧୦-୧୫ ବର୍ଷରୁ ଅଧିକ ଦିନ ଧରି ରହୁଥିବା ବ୍ୟକ୍ତିମାନେ ଯାହାଙ୍କର ଆଧାରକାର୍ଡ, ରେସନକାର୍ଡ, ଇଲେକ୍ଟ୍ରିକବିଲ ଥାଇ ମଧ୍ୟ ଏମାନେ ଜାଗାମିଶନ ହିତାଧିକାରୀ ତାଲିକାରୁ ବଂଚିତ ହୋଇଛନ୍ତି । କିନ୍ତୁ ୨-୩ ବର୍ଷ ରହିଥିବା ବ୍ୟକ୍ତିମାନଙ୍କୁ ତାଲିକାରେ ଅର୍ନ୍ତଭୁକ୍ତ କରାଯାଇଛି । କିଛି ସରକାରୀ ଚାକିରିଆ, ଭୁବନେଶ୍ୱର ଦୁଇ ତିନୋଟି ଜାଗାରେ ପ୍ଲଟ ଓ ଚାରିଚକିଆ ଗାଡ଼ି ଥିବା ବ୍ୟକ୍ତିଙ୍କ ନାମ ତାଲିକାରେ ଅର୍ନ୍ତଭୁକ୍ତ ଅଛି କିନ୍ତୁ ପ୍ରକୃତ ହିତାଧିକାରୀ ଯାହାଙ୍କର ପ୍ଲଟ ନାହିଁ, ଚାରିଚକିଆ ଗାଡ଼ି ନାହିଁ, ଦିନ ମଜୁରିଆ ଏଭଳି କିଛି ଲୋକଙ୍କର ନାମକୁ ତାଲିକାରେ ବାଦ ଦିଆଯାଇଛି । ପ୍ରକାଶଥାଉକି ରାଜୀବ ଆବାସ ଯୋଜନା ତାଲିକାରେ ଓ ବିଏମସି ଉଷା ସର୍ଭେ ଫଳକ କାନ୍ଥରେ ମରାହୋଇଥିଲେ ମଧ୍ୟ ପ୍ରକୃତ ହିତାଧିକାରୀଙ୍କ ନାମ ଜାଗାମିଶନ ତାଲିକାରେ ନାହିଁ । ଏଣୁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ସଭାପତି ଶ୍ରୀଯୁକ୍ତ ବିଶ୍ୱଜିତ ଦାଶଙ୍କ ସ୍ୱାକ୍ଷରରେ ଓ ତାଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ବ୍ଲକ-୨ ସଭାପତି ତଥା ଉତର ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଶ୍ରୀ ଅଶୋକ ଦାସଙ୍କ ନେତୃତ୍ୱରେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଗୀତାଳି ମହାନ୍ତି, ଦେବାଶିଷ ଦାସ, ସୁବାଷ ସାହୁ, ମନୋରନ ଜେନା, ସୌମେନ୍ଦ୍ର ମହାନ୍ତି, ମାନସ ସେଠୀ ପ୍ରମୁଖ ବିଏମସି କମିଶନରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରାଗଲା । ଜନସାଧାରଣଙ୍କ ଅଭିଯୋଗକୁ ଶୁଣିବାପାଇଁ ୭ ଦିନ ସମୟ ଦେବା ସହ ରାଜୀବ ଆବାସ ଯୋଜନା ତାଲିକାରେ ଥିବା ନାମ ଓ ପ୍ରକୃତ ହିତାଧିକାରୀଙ୍କୁ ସନ୍ଧାନ କରି ଜାଗା ମିଶନ ତାଲିକା ପ୍ରକାଶ କରିବାକୁ ଜିଲ୍ଲା କଂଗ୍ରେସ ତରଫରୁ ଦାବି କରାଗଲା । ଯଦି ଏ ପାତର ଅନ୍ତର ନୀତି ବନ୍ଦ କରାନଯାଏ ତାହାଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ବୋଲି ଶ୍ରୀ ଦାସ ଜଣାଇଛନ୍ତି ।

## ବନ କର୍ମଚାରୀ ଓ ସ୍କ୍ୱାଡ୍ ଟିମ୍ ମିଶି ଜଙ୍ଗଲରୁ ନିଆଁ ଲିଭାଇଲେ

କେନ୍ଦୁଝର,(ପି.ଏନ):ଦିନକୁ ଦିନ ଅସହ୍ୟ ଗରମ ଗୁଳୁଗୁଳି ବଢିବାରେ ଲାଗିଛି । ତତ୍‌ସହିତ ପ୍ରବଣ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି । ଖାଲି ଜନଜୀବନ ନୁହେଁ ପଶୁପକ୍ଷୀ, କୀଟତରୁମାନେ ତ୍ରାହି ତ୍ରାହି ଡାକ ପକାଉଛନ୍ତି । କିନ୍ତୁ ନୃଶଂସ ମଣିଷ ଜାତି ଜଙ୍ଗଲରେ ନିଆଁ ଲଗାଇ ଦେଉଛି । ଅନେକ ବୃକ୍ଷ ଜଳିପୋଡି ଯାଉଛି, ଜଙ୍ଗଲ ସଫା ହେଉଛି । ପଶୁପକ୍ଷୀମାନେ ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ଜଙ୍ଗଲ ଛାଡି ରାସ୍ତାକଡକୁ ନଚେତ ଗ୍ରାମ ଗୁଡିକରେ ପ୍ରବେଶ କରୁଛନ୍ତି । ସେହିପରି ଜଙ୍ଗଲ ପୋଡି ଘଟଣା ଆଜି କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳିଛି । ନରଣପୁର ରିଜର୍ଭ ଫରେଷ୍ଟ ଅନ୍ତର୍ଗତ ବାଦୁଡିଘେରା ଜଙ୍ଗଲ, ବାରବାଙ୍କ ରିଜର୍ଭ ଫରେଷ୍ଟ ଅନ୍ତର୍ଗତ ନିମଝରା ପାଖ ଜଙ୍ଗଲ, ବଳଭଦ୍ରପୁର ରିଜର୍ଭ ଫରେଷ୍ଟ ଅନ୍ତର୍ଗତ ଶାଳବେଡା ଗ୍ରାମ ନିକଟବର୍ତ୍ତି ଜଙ୍ଗଲ ଓ ରଘୁନାଥପୁର ରିଜର୍ଭ ଫରେଷ୍ଟ ଅନ୍ତର୍ଗତ ନୁନଝରଣ ଜଙ୍ଗଲରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲେ।

## ଚମ୍ପୁଆ ଉପଖଣ୍ଡ ଘରୋଇ ବସ ମାଲିକ ସଂଘ ନିର୍ବାଚନ, ଇସରାର ଅଲି ସଭାପତି ଭୋଳାନାଥ ସଂପାଦକ ଭାବେ ନିର୍ବାଚିତ




ଚମ୍ପୁଆ,(ପି.ଏନ): ଚମ୍ପୁଆ ଉପଖଣ୍ଡ ଘରୋଇ ବସ ମାଲିକ ସଂଘ ନିର୍ବାଚନ ଶେଷ ହୋଇଛି । ପୁର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଆଜି ସଂଘ କାର୍ଯ୍ୟାଳୟ ଠାରେ ୪୮ ଜଣ ବସ ମାଲିକ ମତ ଦାନ କରିଥିଲେ । ଦିନ ୩ ଘଟିକା ସମୟରେ ମତ ଗଣନା କରାଯାଇଥିଲା । ଏହି ନିର୍ବାଚନରେ ସଭାପତି ଭାବେ ଏମ୍.ଡି ଇସରାର ଅଲି ୨୫ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କୁ ପ୍ରତିଦ୍ୱନ୍ଦି ଉଜ୍ଜଳ କୁମାର ସେଠୀ ୨୩ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । ସେହିପରି ଉପ ସଭାପତି ଭାବେ ନରେନ୍ଦ୍ର କୁମାର ମହାନ୍ତ ୩୨ ଖଣ୍ଡ ଭୋଟ ପାଇଥିବା ବେଳେ ଦିଲୀପ ମହାନ୍ତ ୧୬ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । ସେହିପରି ସଂପାଦକ ପଦ ପାଇଁ କଡା ଟକ୍କର ହୋଇଥିବା ବେଳେ ଚଳିତ ବର୍ଷ ପ୍ରାର୍ଥୀ ହୋଇଥିବା ଭୋଳାନାଥ ମହାନ୍ତ ୨୫ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ତଥା ପୁର୍ବତନ ସଂପାଦକ ଉତମ କୁମାର କର ୨୩ ଗୋଟି ଭୋଟ ପାଇ ପରାଜିତ ହୋଇଥିଲେ । ସହ ସଂପାଦକ ପଦରେ ଅମିତ କୁମାର ଗିରି ୨୭ ଖଣ୍ଡ ଭୋଟ ପାଇଥିବା ବେଳେ ରଂଜନରଶ୍ମି ଭଂଜଦେଓ ୨୧ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସମ୍ଭୁନାଥ ସର୍ବାଧିକ ୪୭ ଖଣ୍ଡ ଭୋଟ ପାଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଦୀପକ କୁମାର ମହାନ୍ତ, କାଜଲ କୁମାର ବ୍ରହ୍ମ, ସୋମନାଥ ସାହୁ, ହେମନ୍ତ କୁମାର ମହାନ୍ତ, ପ୍ରଦ୍ୟୁମ୍ନ କୁମାର ଭଂଜଦେଓ, ଲାଲଚାନ୍ଦ ବାରିକ, ସୁରଥ ପୃଷ୍ଟି ପ୍ରମୁଖ ବିଜୟ ହୋଇଥିଲେ । ଏହି ନିର୍ବାଚନକୁ ପୋଲିଂ ଅଫିସର ଭାବେ ଆଇନଜୀବି ପ୍ରିୟନାଥ ପତି, ଗଜେନ୍ଦ୍ର ନାଏକ ପ୍ରମୁଖ ପରିଚାଳନା କରିଥିଲେ । ଯାତ୍ରୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଓ ବସ ଚଳାଚଳକୁ ଶୃଙ୍ଖଳିତ କରାଯିବ ବୋଲି ନବ ନିର୍ବାଚିତ ସଭାପତି ଓ ସଂପାଦକ ସୂଚନା ଦେଇଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray